# ଏହା କଅଣ ବିଶ୍ୱାସ କରୁଅଛ?

ଆଉ ଆମେମାନେ ପ୍ରାର୍ଥନା କରିବା ପୂର୍ବରୁ, ମୁଁ ଏହା କହିବାକୁ ଚାହେଁ, ଯେ ଗତ ସନ୍ଧ୍ୟାରେ, ମୁଁ ବିଶ୍ୱାସ କରେ ଯେ ଏହା ଥିଲା, ମୁଁ ଜଣେ ମହିଳାଙ୍କୁ କହିଲି, "ଯଦି ଆପଣ କେବଳ ସେହିପରି ଭାବରେ କରିବେ ଯେପରିକି ଆମମାନଙ୍କୁ ତାହା କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଅଛି, ତାହାହେଲେ ଏହା...ସେହି ଶିଶୁ ଯାହାରକି ମୁଣ୍ଡରେ ପାଣି ଭରି ଯାଇଅଛି, ତେବେ ତାହା ସଙ୍କୁଚିତ ହୋଇ କମିଯିବ।" ଏବଂ ଗତକାଲି ରାତ୍ରିରେ, ସେହି ଶିଶୁର ମୁଣ୍ଡ ସଙ୍କୁଚିତ ହୋଇଥିଲା, ଏକ ଦଉଡ଼ିର ମାପରେ ଅଧା-ଇଞ୍ଚ। ତେଣୁ ସେହି ମହିଳା ତାହାକୁ ବର୍ତ୍ତମାନ ଏଠାକୁ ନେଇକି ଆସିଛନ୍ତି।

2 ତେବେ, ଭଉଣୀ, ସେହି କାରଣ ଯେଉଁଥିପାଇଁକି ମୁଁ ତାହା କଲି, ତାହାର ଏକ ଉଦ୍ଦେଶ୍ୟ ଅଛି। ବୁଝିଲେ? ଯଦି ଆପଣ ଏପରି କିଛି ସ୍ପର୍ଶନୀୟ ବିଷୟ ହେଉଥିବାର ଦେଖିପାରନ୍ତି, ତାହାହେଲେ ତାହା ଆପଣଙ୍କର ବିଶ୍ୱାସକୁ ଏହାକୁ ପ୍ରତ୍ୟୟ କରି ରଖିବାରେ ବଢ଼ାଇ ଦେବ। ବେଳେବେଳେ ମୁଁ ତାହା କେବଳ ଏଇଥି ପାଇଁ କରେ, ହୋଇପାରେ ଯେ, ଯେପରିକି ଜଣେ ବ୍ୟକ୍ତିଙ୍କୁ ଛିଡ଼ା ହେବା ପାଇଁ କୁହେ, ପାଦେ କିମ୍ବା ଦୁଇ ପାଦ ଚାଲିବା ପାଇଁ କୁହେ, ନିଜର ହାତକୁ ହଲାଇବା ପାଇଁ କୁହେ, ଆଙ୍ଗୁଳିଗୁଡ଼ିକୁ ଚଲାଇବା ପାଇଁ କୁହେ, ଠିକ୍ ଏପରି କିଛି ଯାହାକି ସେମାନେ ଭିନ୍ନ କରିପାରିବେ, କେବଳ ସେମାନଙ୍କୁ ଏହା ଦେଖାଇବା ପାଇଁ ଯେ ତାହା ସମସ୍ତ ସବୁକିଛି ଠିକ୍ ଅଛି। ସେମାନେ କେବଳ ଅଧୀର ହୋଇଯାଆନ୍ତି ଓ ଏହା ଭାବି ନିଅନ୍ତି ଯେ ତାହା ଘଟିବାକୁ ଯାଉ ନାହିଁ, ମାତ୍ର ତାହା ତ ସବୁ ସମୟରେ ଘଟୁଥାଏ। ବୁଝିଲେ? ତାହାକୁ ତ ହେବାକୁ ଥାଏ।

3 ତେବେ ବର୍ତ୍ତମାନ, କେତେ ଜଣ ପ୍ରାର୍ଥନାରେ ସ୍ମରଣ କରାଯିବାକୁ ଚାହାଁନ୍ତି? କଅଣ ଆପଣ କେବଳ ନିଜର ହାତକୁ ଉଠାଇବେ ଓ କହିବେ କି, "ପ୍ରଭୋ, ଏହା ପ୍ରଦାନ କର"? ଆସନ୍ତୁ, ଆମେମାନେ ନିଜର ମସ୍ତକଗୁଡ଼ିକୁ ନତ କରିବା।

4 ପ୍ରଭୁ, ଯେତେବେଳେ ଆମେମାନେ ମଣ୍ଡଳୀର ଏହି ମହାନ୍ ପୁରୁଣା ଗୀତକୁ ଶୁଣୁ, ଯାହାକି ମୋହର ମୂଲ୍ୟବାନ ବନ୍ଧୁ, ପଲ୍ ରେଡରଙ୍କ ଦ୍ୱାରା ଲେଖାଯାଇଥିଲା, "କେବଳ ବିଶ୍ୱାସ କର," ତେବେ ଆମେମାନେ ଏକ ବାଳକ ବିଷୟରେ ଭାବୁ, ଯିଏକି ତାହାର ବାପାଙ୍କ ଦ୍ୱାରା ଶିଷ୍ୟମାନଙ୍କ ନିକଟକୁ ଅଣାଯାଇଥିଲା, ଯେତେବେଳେକି ଯୀଶୁ ସେମାନଙ୍କୁ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରିବା ନିମନ୍ତେ ଏବଂ ରୋଗୀମାନଙ୍କୁ ସୁସ୍ଥ କରିବା ନିମନ୍ତେ ଶକ୍ତି ପ୍ରଦାନ କରିବାର ଦଶ ଦିନରୁ ଅଧିକ ହୋଇ ନ ଥିଲା, ଆଉ ଏଠାରେ ସେମାନେ ଗୋଟିଏ ମିର୍ଗୀ ରୋଗରେ ପୀଡ଼ିତ ଥିବା ମାମଲାରେ ସମ୍ପୂର୍ଣ୍ଣରୂପେ ପରାଜିତ ହୋଇଥିଲେ। ଆଉ ସେମାନେ ଆମ ପ୍ରଭୁଙ୍କୁ ଆସୁଥିବାର ଦେଖିଲେ। ଆଉ ସେହି ପିତା ଦୌଡ଼ିଯାଇ କହିଲେ, "ହେ ପ୍ରଭୁ, ଆମ ପ୍ରତି

ଦୟା କର । ମୋ ପୁଅ ନାନା ପ୍ରକାରେ ଶୟତାନ ଦ୍ଵାରା ବ୍ୟଥିତ ଅଟେ । ମୁଁ ତାହାକୁ ଆପଣଙ୍କର ଶିଷ୍ୟମାନଙ୍କ ନିକଟକୁ ଆଣିଲି ଆଉ ସେମାନେ ତାହାକୁ ଆରୋଗ୍ୟ କରିପାରିଲେ ନାହିଁ ।”

5 ଯୀଶୁ କହିଲେ, “ଯଦି ତୁମେ ବିଶ୍ଵାସ କର, ମୁଁ କରିପାରିବି । କେବଳ ବିଶ୍ଵାସ କର ।” ହେ ପରମେଶ୍ଵର, ତୁମେ ସେହି ଦିନଠାରୁ ଟିକିଏ ବି ବଦଳି ନାହଁ: ତୁମେ ତ ସେହି ସମାନ ପ୍ରେମୀ, ମଧୁର ଏବଂ ଦୟାଳୁ ପରମେଶ୍ଵର ଅଟ । ଯେପରିକି ତୁମେ ସେହି ଦିନ ଥିଲ, ଆଜି ମଧ୍ୟ ତୁମେ ସେହିପରି ହିଁ ଅଟ । ଆଉ ପ୍ରଭୁ, ସେହି ପିତା ପରି, ଆମେ ସମସ୍ତେ ଚିତ୍କାର କରୁ, “ହେ ପ୍ରଭୁ, ତୁମେ ଆମର ଅବିଶ୍ଵାସର ପ୍ରତିକାର କର ।” ଏହା ଅତି ସରଳ ଅଟେ; ହେ ପିତା, ଆମେ କେବଳ ତାହା ଉପରେ ଝୁଣ୍ଟି ପଡୁ ।

6 ଆମେ ତୁମକୁ ଗତ ରାତ୍ରି ସେହି ଛୋଟ ଶିଶୁକୁ ସ୍ପର୍ଶ କରିଥିବା ପାଇଁ ଧନ୍ୟବାଦ ଏବଂ ପ୍ରଶଂସା ଅର୍ପଣ କରିବାକୁ ଚାହୁଁଅଛୁ, ଏହା ଦେଖିବା ପାଇଁ ଯେ ସେହି ଖପୁରୀଟି, ଯାହାକି ଫୁଲି ଯାଇଥିଲା, ଅର୍ଥାତ୍, ସେହି ହାଡ଼ ଯାହାକି ବାହାରକୁ ବାହାରି ଯାଇଥିଲା, ଗତକାଲି ରାତ୍ରିରେ ତାହା ଅଧା ଇଞ୍ଚ ଦବି କମିଗଲା । ପିତା, ଆମେ ଏଥିପାଇଁ କୃତଜ୍ଞ ଅଟୁ । ଯେତେବେଳେ ଆମେ ଜାଣୁ ଯେ ଆମ ଡାକ୍ତରମାନଙ୍କ ପାଖରେ ତାହା ପାଇଁ କିଛି ଗବେଷଣାରେ ନାହିଁ, ଏପରି କିଛି ନାହିଁ ଯାହା ସେମାନେ ତାହା ପାଇଁ କରିପାରନ୍ତେ; ମାତ୍ର ତୁମେ ତଥାପି ପରମେଶ୍ଵର ଅଟ, ସମସ୍ତ ପରିସ୍ଥିତିର ସ୍ଵାମୀ ଅଟ । ପିତା, ଆମେ ତୁମକୁ ଧନ୍ୟବାଦ କରୁଅଛୁ । ଆମେ ତୁମକୁ ଏହି ମାତାର ବିଶ୍ଵସ୍ତତା ପାଇଁ, ଏବଂ ମଧୁରତା ପାଇଁ, ଓ ଆଜ୍ଞାକାରୀତା ପାଇଁ ଧନ୍ୟବାଦ ଦେଉଅଛୁ, ଯେ ସେ ସେହି ଦଉଡ଼ିକୁ ପୁଣିଥରେ ନେଇକି ଆସିଲେ ଓ ତାହାକୁ ଏହି କାଗଜ ଖଣ୍ଡ ଉପରେ, ଏଠାରେ ରଖିଲେ, ଯେପରିକି ପରମେଶ୍ଵରଙ୍କ ଗୌରବ ନିମନ୍ତେ ଜନସାଧାରଣଙ୍କ ନିକଟରେ ନିଜର ସାକ୍ଷ୍ୟକୁ ଦେଖାଇବେ । ଏହା ହେଉ ଯେ ତୁମର ମହିମା ପାଇଁ ତାହାର ସାନ ପିଲା ବଞ୍ଚି ରହୁ ଏବଂ ଏକ ସାଧାରଣ ସନ୍ତାନ ହେଉ ।

7 ପିତା, ଉପରକୁ ଉଠିଥିବା ସେହି ସମସ୍ତ ହାତଗୁଡ଼ିକୁ ଦେଖ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏକ ଆବଶ୍ୟକତା ରହିଛି । ପିତା, ମୋହର ମଧ୍ୟ, ମୋହର ଆବଶ୍ୟକତା ଅଛି । ଏବଂ ଏଠାରେ ଅନେକେ ଅଛନ୍ତି, ଚିଠି ଆକାରରେ କିମ୍ଵା ଏହି ବାକ୍ସରେ, ସେହି ଆବଶ୍ୟକ କରୁଥିବା, ଲୋକମାନେ ଯେଉଁମାନେକି ପ୍ରକୃତରେ ପ୍ରୟୋଜନ କରନ୍ତି । ପ୍ରଭୁ, ଏହା ହେଉ, ଯେ ଆଜି ରାତ୍ରି ପ୍ରତ୍ୟେକେ ସେମାନଙ୍କର ଅନୁରୋଧ ପ୍ରାପ୍ତ କରନ୍ତୁ । ଏପରି ହେଉ ଯେ ସେମାନେ ଏହି ମାତାର ସାକ୍ଷ୍ୟକୁ ଗ୍ରହଣ କରନ୍ତୁ ଏବଂ କେବଳ ଏକ ଉଦାହରଣ ସ୍ଵରୂପେ ଏହା ଦେଖାନ୍ତୁ ଯେ ଯେତେବେଳେ ତୁମେ କିଛି କୁହ, ତାହା ପରିସମାପ୍ତି ଅଟେ । ଏହା ତ… ତୁମେ…ଆମକୁ ଯାହାସବୁ କରିବାକୁ ଅଛି ତାହା ହେଲା କେବଳ ତାହାକୁ ଗ୍ରହଣ କରିବା ଏବଂ ତାହା ଉପରେ କାର୍ଯ୍ୟ କରିବା । ତାହା ଏକ ସମାପ୍ତ କାର୍ଯ୍ୟ ଅଟେ ।

8 ପ୍ରଭୁ, ଏହା ପ୍ରଦାନ କର, ଯେ ଏହି ପ୍ରତ୍ୟେକ ଚିଠିଗୁଡ଼ିକ ଓ ଏହି ରୁମାଲଗୁଡ଼ିକ, ସେହି ଲୋକମାନେ ଯେଉଁମାନଙ୍କ ଉପରେ ତାହା ରଖାଯିବ, ସେମାନେ ସୁସ୍ଥ ହୁଅନ୍ତୁ । ପ୍ରତ୍ୟେକେ

ଯେଉଁମାନେକି ସେମାନଙ୍କର ହାତକୁ ଉଠାଇଛନ୍ତି, ହେ ପିତା, ସେମାନେ ସେମାନଙ୍କର ହୃଦୟର ଇଚ୍ଛାକୁ ପ୍ରାପ୍ତ କରନ୍ତୁ। ଆମେ ଏହାକୁ, ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍। ଆପଣମାନେ ବସି ଯାଇପାରନ୍ତି।

9 ମୁଁ କେବଳ ଆପଣମାନଙ୍କୁ ଏଠାରେ ସେହି ଦଉଡ଼ିଟିକୁ ଦେଖାଇବାକୁ ଚାହୁଁଥିଲି, ଯାହାକି ସେହି ମହିଳା (ଏଠାରେ ଆପଣମାନେ ଦେଖନ୍ତୁ। ଉଁ-ହୁଁ।)...ଯେ ସେହି ସାନ ପିଲାର ମସ୍ତକ ନିଶ୍ଚିତରେ ସଙ୍କୁଚିତ ହୋଇଥିଲା ଯେପରିକି ଗତକାଲି ରାତ୍ରିରେ ପବିତ୍ରଆତ୍ମାଙ୍କ ମାଧ୍ୟମରେ ପ୍ରଭୁ ଆମମାନଙ୍କୁ ପ୍ରତିଜ୍ଞା କରିଥିଲେ। କଅଣ ସେ ଅଦ୍ଭୁତ ନୁହଁନ୍ତି କି? ତେଣୁ, ତାହା ଆମମାନଙ୍କୁ ବିଶ୍ୱାସ ରଖିବା ପାଇଁ ଏବଂ ପ୍ରତ୍ୟୟ କରିବା ପାଇଁ ଯଥେଷ୍ଟ ସାହସ ଦେଇଥାଏ।

10 ତେବେ, ମାର୍କ 11:23 ରେ, ଯୀଶୁ ଯେତେବେଳେ ସେହି ଗଛକୁ କହିଥିଲେ, "ବର୍ତ୍ତମାନଠାରୁ କୌଣସି ଲୋକ ତୁମର ଫଳ ଖାଇବ ନାହିଁ," ସେ ହୁଏତ ଚିତ୍କାର କରି ନ ଥିବେ। କାହିଁକି, ଖୋଲାଖୋଲି ଭାବରେ, ସେ ଏହି ବିଷୟରେ ଏତେ ସହଜ ଥିଲେ, ଏପରିକି ତାହାଙ୍କର ଶିଷ୍ୟମାନେ ଠିକ୍...ମୁଁ ଭାବୁଛି ସେମାନଙ୍କ ମଧ୍ୟରୁ ଜଣେ ତାହାଙ୍କର କଥା ଶୁଣିଥିଲେ। ଏବଂ ତାହା...ଯେତେବେଳେ ସେହି ମିର୍ଗୀ ରୋଗରେ ପୀଡ଼ିତ ଥିବା ବାଳକଟି, ଯେତେବେଳେ ତାହା ପ୍ରଭୁ ଯୀଶୁଙ୍କ ସମ୍ମୁଖକୁ ଆସିଲା, ସେତେବେଳେ ସେହି ବାଳକଟି ତା'ର ସବୁଠାରୁ କଷ୍ଟଦାୟକ ଯନ୍ତ୍ରଣାରେ ଥିଲା; ବୋଧହୁଏ, ସେ ମରିଯାଉଥିବା ପରି ଭୂମିରେ ପଡ଼ିଗଲା, ମାତ୍ର ସେ ଅନୁଭବ କଲେ ଯେ ସେ ଏପରି ଜଣକାକୁ ସାକ୍ଷାତ କରିଛନ୍ତି ଯାହାଙ୍କର ବିଶ୍ୱାସ ସେହି ପ୍ରେରିତମାନଙ୍କଠାରୁ କହିଁ ଅଧିକ ଥିଲା।

11 ତେବେ, ମୁଁ ଏପରି କାହାରିକୁ ଚାହେଁ ଯେ ସେ ଏହା ଦେଖନ୍ତୁ ଯିଏକି ଦିବ୍ୟ ଆରୋଗ୍ୟତାରେ ବିଶ୍ୱାସ କରନ୍ତି ନାହିଁ। ଯୀଶୁ ସେମାନଙ୍କୁ ଦୁଷ୍ଟାତ୍ମାଗୁଡ଼ିକୁ ବାହାର କରିବା ପାଇଁ ଶକ୍ତି ଦେଇଥିଲେ, ଆଉ ସେମାନେ ବିଫଳ ହୋଇଥିଲେ। ଏପରି ନୁହେଁ ଯେ ସେହି ଶକ୍ତି ବିଫଳ ହୋଇଥିଲା, ମାତ୍ର ସେମାନେ ବିଫଳ ହୋଇଥିଲେ। ଯୀଶୁ ସେମାନଙ୍କୁ କହିଲେ:

"ଆମେମାନେ କାହିଁକି ତାହାକୁ ବାହାର କରିପାରିଲୁ ନାହିଁ?"

ସେ କହିଲେ, "ତୁମର ଅବିଶ୍ୱାସ ହେତୁ।"

12 ମଣ୍ଡଳୀ ପାଖରେ ଏବେ ସୁଦ୍ଧା ଏକ ଶକ୍ତି ଅଛି। ପରମେଶ୍ୱର କେବେବି ତାହାଙ୍କର ଶକ୍ତିକୁ ମଣ୍ଡଳୀରୁ ନେଇ ନାହାଁନ୍ତି, ମାତ୍ର ମଣ୍ଡଳୀ ପାଖରେ ତାହା ଉପରେ କାର୍ଯ୍ୟ କରିବା ପାଇଁ ଯଥେଷ୍ଟ ବିଶ୍ୱାସ ନାହିଁ। ତାହାହିଁ ସବୁକିଛି ଅଟେ। ଏହା କେବଳ ସେତିକି ସରଳ ଅଟେ। ଆମେମାନେ ତାହାକୁ ବେଳେବେଳେ ଅତ୍ୟଧିକ ଜଟିଳ କରିବାକୁ ଚେଷ୍ଟା କରିଥାଉ, ମାତ୍ର ଆପଣ ସୁସମାଚାରକୁ ଯେତେ ଅଧିକ ସରଳ କରିବେ, ଆପଣଙ୍କ ପାଖରେ ସେତେ ଅଧିକ ବାସ୍ତବିକତା ରହିବ, ଯେତେବେଳେ ଆପଣ ତାହା ସହିତ ପ୍ରକୃତରେ ସରଳ ହୋଇଯିବେ:

ପରମେଶ୍ୱର ତାହା କହିଛନ୍ତି; ଏହା ତାହାକୁ ସମାଧାନ କରିଦିଏ; ଆଉ ତାହାହିଁ ସବୁକିଛି ଅଟେ । ଏବଂ କେବଳ ଏହାକୁ ବିଶ୍ୱାସ କରନ୍ତୁ, ଆଗକୁ ବଢ଼ନ୍ତୁ ।

13 ଯେତେବେଳେ ଯୀଶୁ କହିଲେ, "କୌଣସି ଲୋକ ତୁମର ଫଳ ଖାଇବ ନାହିଁ," କାହିଁକି, ପତ୍ରଗୁଡ଼ିକ ତ ପୂର୍ବ ପରି ସେତିକି ସୁନ୍ଦର ଏବଂ ସତେଜ ଥିଲା । ତାହାର ଛାଲି ସେହି ସମାନ ଦେଖାଯାଉଥିଲା, ମାତ୍ର ଭୂମି ତଳେ ଗଭୀରରେ ସେହି ମୂଳରେ, ଜୀବନ କ୍ଷୀଣ ହେବାକୁ ଆରମ୍ଭ ହେଲା ।

14 କର୍କଟ ରୋଗ ସହିତରେ ଠିକ୍ ସେହିପରି ଅଟେ, ଅବା ଯେକୌଣସି ପ୍ରକାରର ରୋଗ ସହିତରେ ତାହା ଅଟେ ଯାହା—ଯାହା ବିଷୟରେ ଆପଣ ଭାବିବାକୁ ଚାହିଁପାରନ୍ତି । ଯେତେବେଳେ ଆପଣ ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରିପାରିବେ, ଭୂମିର ତଳେ ଅତି ଗଭୀରରେ ସେହି ମୂଳରେ, ହୋଇପାରେ ଯେ କର୍କଟ ସେଠାରେ ଥିବ; ଆପଣଙ୍କର ହାତ ଅତ୍ୟଧିକ କଠିନ ହୋଇ ଥାଇପାରେ । ତାହାର ଦିବ୍ୟ ଆରୋଗ୍ୟତା ସହିତ କୌଣସି ସମ୍ପର୍କ ନାହିଁ । ଏହା ତ ତାହା ଅଟେ, "ଯଦି ତୁମେ ବିଶ୍ୱାସ କରିପାର ।" ବୁଝିଲେ? କୌଣସି ସ୍ଥାନରେ ଗଭୀରରେ, ତାହା କାର୍ଯ୍ୟରେ ଲାଗିଯାଇଛି ।

15 ଯୀଶୁ କହିଲେ, "ଯଦି ତୁମେ ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ଏବଂ ନିଜ ହୃଦୟରେ ସନ୍ଦେହ ନ କର, ବରଂ ଏହା ବିଶ୍ୱାସ କର ଯେ ତୁମେ ଯାହା କହିଛ ତାହା ଘଟିବ, ତେବେ ତୁମେ ଯାହା କହିଛ ତାହା ପାଇପାରିବ ।" କ'ଣ ତାହା ସୁନ୍ଦର ନୁହେଁ କି? ତାହା କେଉଁଠାରୁ ଆସିଥାଏ? ପରମେଶ୍ୱରଙ୍କ ପୁତ୍ର, ଯାହାଙ୍କର ବାକ୍ୟଗୁଡ଼ିକ...ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ତେବେ...ମାତ୍ର ତାହାଙ୍କର ବାକ୍ୟ ଲୋପ ପାଇବ ନାହିଁ ।

16 ତେବେ, ସେହି ଏକମାତ୍ର ଉପାୟ ଯାହାଦ୍ୱାରାକି ଆପଣ ତାହା କରିପାରନ୍ତି ତାହା ହେଲା, ଆପଣଙ୍କୁ ସଠିକ୍ ଅଭିପ୍ରାୟ ଏବଂ ସଠିକ୍ ଉଦ୍ଦେଶ୍ୟ ରଖିବାକୁ ହେବ । ବର୍ତ୍ତମାନ, ଯଦି ମୁଁ ଏଠାକୁ ଯାଏ ଓ ଏହା କହେ, "ମୁଁ ଆପଣଙ୍କୁ ଦେଖାଇବି ଯେ ମୁଁ ଏହି ପର୍ବତକୁ ଘୁଞ୍ଚାଇପାରେ, 'ଘୁଞ୍ଚି ଯା, ହେ ପର୍ବତ ।'" ତାହା କଦାପି ଘୁଞ୍ଚିବ ନାହିଁ । ନିଶ୍ଚିତରେ ନୁହେଁ । ଯାଏ ଆସେ ନାହିଁ ଯେ ମୋ ପାଖରେ କ'ଣ ଥାଏ । ଏହା ତ ହେବା ଆବଶ୍ୟକ...ପ୍ରଥମେ ତ ଆପଣଙ୍କୁ ପରମେଶ୍ୱରଙ୍କ ଇଚ୍ଛାକୁ ଜାଣିବାକୁ ହେବ ।

17 ତାହାହିଁ ସେହି କାରଣ, ଯେ ସାଧାରଣତଃ ପ୍ରାର୍ଥନା ଧାଡ଼ିରେ, ମୁଁ—ମୁଁ ବହୁତ ଅଧିକ ଥକିଯାଏ, ଏହାର କାରଣ ହେଲା ଯେ ଏହା ଏପରି କିଛି ଅଟେ ଯାହାକି ପଂକ୍ତିଗୁଡ଼ିକ ଦେଇ ଏବଂ ଅନ୍ୟାନ୍ୟ ସବୁକିଛି ଦେଇ ଯାଇଥାଏ, ଆଉ ସେହିଠାରେ ହିଁ ଅଟେ ଯେଉଁଠାରେକି ଆପଣ ତାହାକୁ ଫେରି ପାଇଥାଆନ୍ତି । ମାତ୍ର ଦେଖନ୍ତୁ, ଯଦି ଆପଣଙ୍କର ଅସ୍ୱୀକୃତ ପାପ ଅଛି...କଅଣ ଆପଣ କେବେ ଏପରି ଏକ ମାମଲା ଉପରେ ଧ୍ୟାନ ଦେଇଛନ୍ତି କି, ଏହାପୂର୍ବେ ଯେତେବେଳେ ମୁଁ ମନ୍ଦ ଆତ୍ମାକୁ ଛାଡ଼ି ଚାଲିଯିବା ପାଇଁ କହିଥାଏ? ମୁଁ ସେହି ମାମଲାକୁ ସୁନିଶ୍ଚିତ କରିବା ପାଇଁ ତାହାକୁ ବାସ୍ତବରେ ସୁକ୍ଷ୍ମଭାବେ ନିରୀକ୍ଷଣ କରିଥାଏ ଯେ ଯଦି ସେହି

ଜୀବନରେ ଏପରି କିଛି ନ ଥାଏ ଯାହାକି କୌଣସି ବିଷୟକୁ ବାଧା ଦେଉଥାଏ, ଦେଖନ୍ତୁ, କାରଣ ମନେ ରଖନ୍ତୁ, ଏହି ବରଦାନଗୁଡ଼ିକ ଉପରେ, ଆପଣ ସେଗୁଡ଼ିକ ସହିତ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

18 ପରମେଶ୍ୱର, ଆପଣମାନଙ୍କୁ ଥରେ ମନେଥିବ, ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଦେଇଥିଲେ...ଜଣେ ମନୁଷ୍ୟଠାରୁ ଗୋଟିଏ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରସ୍ତୁତ କଲେ, ମୋଶା ନାମରେ, ଏବଂ ତାଙ୍କୁ କହିଲେ, ସେଠାକୁ ଯାଇ ସେହି ପଥରକୁ କୁହ। ଆଉ ସେହି ଭବିଷ୍ୟଦ୍‌ବକ୍ତା ସର୍ବ ପ୍ରକାରେ ଉତ୍ସାହିତ ହୋଇପଡ଼ିଲେ, ଓ ସେଠାକୁ ଗଲେ, ଆଉ ସେହି ପଥରକୁ ଆଘାତ କଲେ, ଯାହାକି ଖ୍ରୀଷ୍ଟଙ୍କ ଦୁର୍ବଳତା ବିଷୟରେ କୁହେ, ଯେ ତାହାଙ୍କୁ ଦ୍ୱିତୀୟ ଥର ମରିବାକୁ ପଡ଼ିବ କିମ୍ବା ଦ୍ୱିତୀୟ ଥର ଘାତ ହେବାକୁ ପଡ଼ିବ। ତାହାଙ୍କଠାରେ ଏହାକୁ ଆଣିବାର ସାମର୍ଥ ଥିଲା, ମାତ୍ର ତାହା ପରମେଶ୍ୱରଙ୍କ ଇଚ୍ଛା ନ ଥିଲା।

19 ମୁଁ ଏହା କଦାପି ବିଶ୍ୱାସ କରିପାରୁ ନ ଥିଲି ଯେ ଏହା ପରମେଶ୍ୱରଙ୍କ ଇଚ୍ଛା ଥିଲା ଯେ ଇଲୀଶାୟ ସେଠାରେ ବୁଲୁଥାଆନ୍ତେ, 'କାରଣ ସେହି ପିଲାମାନେ ତାଙ୍କୁ ଟାଙ୍ଗରା ମୁଣ୍ଡା ବୋଲି କହି ଥଟ୍ଟା କରୁଥିଲେ, ମୁଁ ଭାବୁନାହିଁ ଯେ ସେ ତାହାଙ୍କୁ ସେହିପରି କରିବା ଉଚିତ୍ ଥିଲା। ମାତ୍ର ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ କ୍ରୋଧାନ୍ୱିତ କରାଯାଇଥିଲେ, ଆଉ ସେ ସେହି ପିଲାମାନଙ୍କୁ ଅଭିଶାପ ଦେଲେ ପୁଣି ଦୁଇଟି ମାଈ ଭାଲୁ ଆସି ବୟା-ଳିଶଜଣ ଛୋଟ ଛୋଟ ନିରୀହ ପିଲାମାନଙ୍କୁ ହତ୍ୟା କଲେ। ବୁଝିଲେ? ମାତ୍ର ମୁଁ ବିଶ୍ୱାସ କରେ ନାହିଁ ଯେ ତାହାଙ୍କୁ ସେହିପରି କରିବା ଉଚିତ୍ ଥିଲା। ଆଉ ତାହା କେବଳ—କେବଳ...ଆମେ...

20 ମୁଁ ବିଶ୍ୱାସ କରେ ଯେ, ଆଜି ପରମେଶ୍ୱର, ସେ ନିଜର ମଣ୍ଡଳୀକୁ ଶକ୍ତିଯୁକ୍ତ କରିବା ପୂର୍ବରୁ, ସେ ଏହା ଦେଖିବା ପାଇଁ ତାହାଙ୍କର ମଣ୍ଡଳୀକୁ ପରୀକ୍ଷା କରନ୍ତି ଯେ ସେ କଅଣ କରିବ।

21 ଆମେ...ପରବର୍ତ୍ତୀ ସମୟରେ, ବୋଧହୁଏ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ ଯେତେବେଳେ ମୁଁ ଫେରି ଆସେ, ତେବେ ଆମକୁ ସେହିପରି କିଛି ବିଷୟ ଉପରେ ଧ୍ୟାନ କରିବାକୁ ସମୟ ମିଳିବ, ଏପରି କିଛି ବିଷୟ ଉପରେ ଯାହାକି ଘଟିବାକୁ ଯାଉଅଛି, ଆଉ ତାହାପରେ ଆମେମାନେ ସେହି ବିଷୟ ସମ୍ବନ୍ଧରେ ଆହୁରି ଅଧିକ ଜାଣିବା।

22 ମାତ୍ର ଯଦି ଆପଣ କେବଳ ସେହି ଶବ୍ଦକୁ କହିବେ, ଯଥା, "ପ୍ରଭୁ, ମୁଁ ଏହା ବିଶ୍ୱାସ କରେ," ଓ ସନ୍ଦେହ ନ କରିବେ, ବରଂ ନିଜ ହୃଦୟରେ ତାହାକୁ ବାସ୍ତବରେ ବିଶ୍ୱାସ କରିବେ...

23 ତେବେ, ଉଦାହରଣ ସ୍ୱରୂପେ ନିଅନ୍ତୁ, ମୁଁ ଏକ ଉପତ୍ୟକାରେ ଥିଲି, ଆଉ ମୁଁ ଜାଣେ ନାହିଁ...ମୁଁ ଏକ ଲକ୍ଷ ଲୋକଙ୍କୁ ପ୍ରଚାର କରୁଅଛି, ମାତ୍ର ସେଠାରେ ପର୍ବତର ଆରପାର୍ଶ୍ୱରେ, ଶହେ ଲୋକଙ୍କର ଏକ ସମୁହ ଅଛି, ଆଉ ସେମାନେ ଖ୍ରୀଷ୍ଟଙ୍କ ବିଷୟ ନ ଜାଣି ମରୁଅଛନ୍ତି। ତେବେ, ଏଠାରେ ମୋ ପାଖରେ ଏକ ଲକ୍ଷ ଲୋକମାନେ ଅଛନ୍ତି ଯାହାଙ୍କୁ ମୁଁ ପ୍ରଚାର କରେ, ମାତ୍ର ତଥାପି, କିଛି ଗୋଟାଏ ବିଷୟ ମୋ ହୃଦୟରେ ମୋତେ କହୁଛି, "ସେହି ଲୋକମାନଙ୍କ ପାଖକୁ ଯାଅ। ସେମାନଙ୍କ ନିକଟକୁ ଯାଅ। ସେମାନେ ବିନଷ୍ଟ ହେଉଛନ୍ତି।" ମୁଁ ନିଜେ ଯିବାକୁ

ଚାହୁଁ ନାହିଁ, ମାତ୍ର ତଥାପି ମୋ ଭିତରେ ଏପରି କିଛି ଗୋଟାଏ ଅଛି। ଦେଖନ୍ତୁ, ତେବେ ତାହାହେଲେ ଏହା ପରମେଶ୍ୱର ଅଟନ୍ତି, ଯିଏକି ବିଚରଣ କରୁଛନ୍ତି। ଦେଖନ୍ତୁ ଯେ ଲକ୍ଷ୍ୟ କଅଣ ଅଟେ, ଦେଖନ୍ତୁ ଯେ ଯିବାର ଉଦ୍ଦେଶ୍ୟ କଣ ଅଟେ, ନିଜ ପାଇଁ ନୁହେଁ...ତେବେ, ଯଦି ମୁଁ କୁହେ, "ଠିକ୍ ଅଛି..." ଯଦି ମୋହର ଉଦ୍ଦେଶ୍ୟ ସେଠାରେ ପହଞ୍ଚିବା ହେତୁ ଠିକ୍ ଅଟେ, ମାତ୍ର ତାହାପରେ ମୁଁ ଏଠାକୁ ଆସିଯାଏ ଆଉ ଏଠାରେ ଏକ ବଡ଼ ପର୍ବତଟିଏ ଅଛି, ମୁଁ କୁହେ, "ଆପଣ ଜାଣନ୍ତି, ଯଦି ମୁଁ ସେହି ପର୍ବତକୁ ପାରି ହୋଇ ସେହି ସମସ୍ତ ଶହେ ଲୋକଙ୍କୁ ରକ୍ଷା କରେ, ତେବେ କୌଣସି ଏକ ଦିନେ ସେମାନେ ସେଠାରେ ଏକ ପ୍ରତିମୂର୍ତ୍ତିକୁ ରଖିବେ: ଭାଇ ବ୍ରାନ୍‌ହାମ୍, ସେହି ମହାନ ମିଶନାରୀ।" ତେବେ, ମୋହର ଉଦ୍ଦେଶ୍ୟଟି ଠିକ୍ ନୁହେଁ। ପର୍ବତ ଘୁଞ୍ଚିବ ନାହିଁ। ନା, ମହାଶୟ।

24 ମାତ୍ର ଯେତେବେଳେ ମୋହର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଠିକ୍ ଅଟେ, ଆଉ ପରମେଶ୍ୱର ମୋ ହୃଦୟରେ ଥାଇ ମୋତେ କଢ଼ାଇ ନେଉଛନ୍ତି, ଆଉ ମୁଁ ପର୍ବତ ଉପରୁ ପାରି ହୋଇ, ପର୍ବତ ଚାରିପାଖରେ, ପର୍ବତ ତଳେ ଯାଇପାରୁ ନାହିଁ, ମୁଁ କହିବି, "ପର୍ବତ, ଘୁଞ୍ଚି ଯା।" ବୋଧହୁଏ ତାହା...ଯେତେବେଳେ ମୁଁ ତାହା କୁହେ, ଏବଂ ପବିତ୍ରଆତ୍ମାଙ୍କ ନେତୃତ୍ୱରେ, ପରମେଶ୍ୱରଙ୍କ ଇଚ୍ଛାରେ, ସେହି ପ୍ରକାରର ଏକ ସଠିକ୍ ଆତ୍ମା ସହିତ ମୁଁ ତାହା ଠିକ୍ କହିଥାଏ, ହୋଇପାରେ ଯେ ସେଠାରେ ସେହି ପର୍ବତର ଝଡ଼ି ପଡ଼ିବା ବିଷୟଟି ଏକ ଛୋଟ ଚାମଚ ଭରା ସୁଦ୍ଧା ନ ଥାଇପାରେ, ମାତ୍ର ଏହା ତାହାର ମାର୍ଗରେ ଥାଏ। ପରବର୍ତ୍ତୀ ଦିନ ହୋଇପାରେ ଯେ ଦୁଇ ପାଉଣ୍ଡ ଝଡ଼ି ଥାଇପାରେ। ତାହାର ପରବର୍ତ୍ତୀ ଦିନ ଗୋଟିଏ ଟନ୍‌ର ଏକ ଚତୁର୍ଥାଂଶ ଥାଇପାରେ। ଏବଂ ହୋଇପାରେ ଯେ ଗୋଟିଏ ମାସ ମଧ୍ୟରେ, ପାଞ୍ଚ ଟନ୍ ଝଡ଼ିଯାଏ। ତାହା ବିଷୟରେ କଅଣ? ଏପର୍ଯ୍ୟନ୍ତ ତାହା ଦେଖା ନ ଯାଉ ଥାଇପାରେ, ମାତ୍ର ସେ ନିଜର ମାର୍ଗରେ, ଚାଲିଥାଏ। ମୁଁ ଠିକ୍ ସେହିଠାରେ ରହିବି ଏବଂ ସେହି କାର୍ଯ୍ୟଟି ସମ୍ପାଦିତ ହେଉଥିବାର ଦେଖିବି, କାରଣ ପରମେଶ୍ୱର ତାହା କହିଛନ୍ତି ଆଉ ଏହାହିଁ ତାହାକୁ ସମାଧାନ କରେ।

25 କଅଣ ଆପଣ ଆଜି ରାତ୍ରି ସେଠାରେ ନିଜର ମାଆ ପାଇଁ ତାହା ଭାବିପାରନ୍ତି କି? ଠିକ୍ ଅଛି, ଯଦି ଆପଣ ତାହା ଭାବିବେ, ସେ ଭଲ ହୋଇଯିବେ। ଠିକ୍ ଅଛି। ତାହା ହେଲା ଯେ ଯଦି ଆପଣ କେବଳ ତାହା ବିଶ୍ୱାସ କରିବେ: କେବଳ ଶବ୍ଦକୁ କହିବେ ଓ ତାହା ସହିତ ଲାଗି ରହିବେ। ବୁଝିଲେ? କେବଳ ତାହାକୁ ବିଶ୍ୱାସ କରିବେ; ତାହା ଉପରେ ଝୁଲି ରହିବେ। ତାହା ଅନନ୍ତ ଜୀବନ ଅଟେ।

26 ତେବେ, ଆସନ୍ତାକାଲି ଅପରାହ୍ନରେ...ମୁଁ ବିଲିକୁ କହିଲି, ଆଜି ରାତ୍ରି, ପ୍ରାର୍ଥନା କାର୍ଡ଼ଗୁଡ଼ିକୁ ବାଦ ଦିଅ, ଆଉ ମୁଁ କେବଳ କହିବାକୁ ଚାହେଁ। ମୁଁ ସତ୍ୟତାରେ, ଅଙ୍ଗୀକାର କରୁଛି ଯେ, ମୁଁ ଜାନୁୟାରୀଠାରୁ ଯାତ୍ରା କରୁଅଛି, ବିଦେଶ ଗସ୍ତକୁ ଯାଇଥିଲି, ପୁଣି ଫେରି ଆସି, ଫିନିକ୍ସରେ, ତାହାପରେ ଠିକ୍ ଘରେ, ପୁଣି ଫେରୁଛି, ଏବଂ ସମସ୍ତ ସଂପୂର୍ଣ୍ଣଭାବେ (ସେହି ହୃଦୟର ସୂକ୍ଷ୍ମ ବିଚାରକୁ ଜାଣିବା) ଏପରିକି ମୁଁ ଏତେ ଦୁର୍ବଳ ହୋଇଯାଇଛି ଯେ ମୁଁ କଦାଚିତ୍

ହିଁ ଜାଣିପାରୁଛି ଯେ ବେଳେବେଳେ ମୁଁ କେଉଁଠାରେ ଛିଡ଼ା ହୋଇଛି। ଏହା ମୋତେ ପ୍ରାୟଃ ପ୍ରାୟଃ ଶକ୍ତିହୀନ କରିଦେଇଛି।

27 ଆଉ ତାହାପରେ, ମୋତେ ଯିବାକୁ ଅଛି, ଏବଂ ସେମାନେ...ଆପଣ—ଆପଣ ଭାଇମାନେ ମୋତେ ଆଉ କିଛି ଦିନ ରହିବା ପାଇଁ ନିମନ୍ତ୍ରଣ କଲେ। ମୁଁ ତାହା କେତେ ପ୍ରଶଂସା କରେ। ମୁଁ ନିଶ୍ଚିତରୂପେ ଭାବେ ଯେ ଏହା ଏଠାରେ ସେବକମାନଙ୍କର ଏକ ଅଦ୍ଭୁତ ସମୂହ ଅଟେ। ମୋହର ଇଚ୍ଛା ଯେ ଆମେ ସହଭାଗୀତା ପାଇଁ ଆଉ ଟିକିଏ ଅଧିକ ସମୟ ପାଇ ପାରିଥାଆନ୍ତୁ। ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ମୁଁ କୌଣସି ସମୟରେ ଫେରିଆସିବି। ଅନ୍ୟ କିଛି ନୁହେଁ, କେବଳ ଗୋଟିଏ ମଣ୍ଡଳୀରୁ ଅନ୍ୟ ମଣ୍ଡଳୀକୁ ଯିବି ଏବଂ ସମଗ୍ର ସହର ବୁଲିବି ଓ ଆପଣ ସମସ୍ତଙ୍କୁ ଦେଖା କରିବି। ମୁଁ ତାହା କରିବା ପାଇଁ ଆନନ୍ଦିତ ଅନୁଭବ କରିବି: ପରମେଶ୍ୱରଙ୍କ ରାଜ୍ୟକୁ ସାହାଯ୍ୟ କରିବା ନିମନ୍ତେ ମୁଁ ଯାହାକିଛି କରିପାରେ, ଅର୍ଥାତ୍, ତାହା ମୁଁ କରେ ବୋଲି ଯଦି ଆପଣମାନେ ଚାହିଁବେ। ଏବଂ କୌଣସି ସମୟରେ ଫେରି ଆସି ଆମମାନଙ୍କ ସହିତରେ ମିଶିବା ଏବଂ କୌଣସି ସ୍ଥାନରେ ଏକ ଭଲ, ଉତ୍ତମ ସଭା କରିବା।

28 ଆଉ ମନେ ରଖନ୍ତୁ, ଭାଇମାନେ, ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବି। ତାହା ଗୋଟିଏ କଥା ନିଶ୍ଚିତ ଅଟେ। ଏବଂ ମୁଁ ଚାହେଁ ଯେ ଆପଣମାନେ ସମସ୍ତେ, ଆପଣ ସମସ୍ତେ ମୋ ପାଇଁ ପ୍ରାର୍ଥନା କରନ୍ତୁ।

29 ଆଉ ତେବେ ମୁଁ—ମୁଁ...ଆସନ୍ତାକାଲି ସକାଳେ ସହରର ଆଖପାଖରେ ଥିବା ଏହି ଭିନ୍ନ ଭିନ୍ନ ଉତ୍ତମ ମଣ୍ଡଳୀଗୁଡ଼ିକରେ ମାଣ୍ଡଳିକ ସେବା ହେବ।

30 ତେବେ, ଜେଫର୍ସନ୍‌ଭିଲରୁ କେତେକ ଗୋଷ୍ଠୀ ଏଠାରେ ଅଛନ୍ତି। ମୋହର କିଛି ବନ୍ଧୁମାନେ, ମୋହର ମଣ୍ଡଳୀର ତତ୍ତ୍ୱାବଧାରକ ଟ୍ରଷ୍ଟିମାନଙ୍କ ମଧ୍ୟରୁ ଜଣେ, ଭାଇ ଫ୍ରେଡ୍ ସୋଥମ୍ୟାନ୍, ଏଠାରେ ଅଛନ୍ତି। ମୁଁ କେବେବି ତାଙ୍କୁ ସଭାରେ ଦେଖିବାରେ ସକ୍ଷମ ହୋଇ ନାହିଁ। ଏବଂ ଭାଇ...ଓଃ, ମୋହର ଅନେକେ ଅନ୍ୟାନ୍ୟ ବନ୍ଧୁମାନେ ସେଠାରୁ ଜେଫର୍ସନ୍‌ଭିଲରୁ, ମୋହର ବ୍ୟ-...ମୋହର ସଚିବ ସେଠାରେ ଏବଂ—ଏବଂ ସମସ୍ତେ ଏଠାରେ, ସଭାର କୌଣସି ସ୍ଥାନରେ ଅଛନ୍ତି। ମୁଁ ଏପର୍ଯ୍ୟନ୍ତ ସେମାନଙ୍କୁ ଦେଖି ନାହିଁ।

31 ଆଉ ଭାଇମାନେ, ଏଠାରେ ଏହି ସହରରେ କେତେକ ଉତ୍ତମ ମଣ୍ଡଳୀମାନ ଅଛି। ଆଉ ଅବଶିଷ୍ଟ ଆପଣ ସମସ୍ତ ପରିଦର୍ଶକଗଣ, ସେଗୁଡ଼ିକ ମଧ୍ୟରୁ ଗୋଟିଏକୁ ଖୋଜି ନିଅନ୍ତୁ ଓ ଆସନ୍ତାକାଲି ଏହି ମଣ୍ଡଳୀଗୁଡ଼ିକୁ ଯାଆନ୍ତୁ। ସେଗୁଡ଼ିକ ଆପଣଙ୍କର ଲାଭ ହିଁ କରିବ, ମୁଁ ସୁନିଶ୍ଚିତ ଅଟେ। ସେମାନେ ଭାଇମାନେ ଅଟନ୍ତି ଯେଉଁମାନେକି ଏହି ପ୍ରକାରର ଏକ ସେବାକାର୍ଯ୍ୟରେ ବିଶ୍ୱାସ କରନ୍ତି। ତାହାହିଁ କାରଣ ଅଟେ ଯେ ସେମାନେ ଏଠାରେ ଏହି ମଞ୍ଚ ଉପରେ ଓ ତଳେ ଏଠାରେ ଏହି ସ୍ଥାନମାନଙ୍କରେ ବସିଛନ୍ତି, କାରଣ ସେମାନେ ଏଥିରେ ବିଶ୍ୱାସ କରନ୍ତି। ଆଉ ମୁଁ ସେହି ବ୍ୟକ୍ତିମାନଙ୍କୁ ପ୍ରଶଂସା କରେ।

32 ପ୍ରଭୁ, ଏଠାରେ ଏହି ଫୁଲ୍ ଗୋସ୍ପେଲ୍ ବ୍ୟବସାୟୀମାନଙ୍କର ଅଧ୍ୟାୟକୁ ଆଶୀର୍ବାଦ କରନ୍ତୁ ଯିଏକି—ଯିଏକି ଏହି ସଭାକୁ ପ୍ରାୟୋଜିତ କରିଥିଲେ। ସେଠାରେ...ମୁଁ ବିଶ୍ୱାସ କରେ ଯେ ତାହା ଠିକ୍ ଥିଲା, ଯିଏକି ସଭାକୁ ପ୍ରାୟୋଜିତ କରିଥିଲେ। ମୁଁ—ମୁଁ ସେମାନଙ୍କର ଅନେକ ପ୍ରାୟୋଜିତ କାର୍ଯ୍ୟକ୍ରମଗୁଡ଼ିକୁ ଯାଏ, କାରଣ ସେଠାରେ...ଆମେମାନେ ଏହିପରି ହେବା ଉଚିତ୍ ନୁହେଁ, ମାତ୍ର ଅନେକ ଥର, ଭାଇମାନେ ଛୋଟ ଛୋଟ ମତ ପାର୍ଥକ୍ୟଗୁଡ଼ିକୁ ଆସିବାକୁ ଦିଅନ୍ତି: ଯେପରିକି ଜଣେ ବ୍ୟକ୍ତି କିଛି ଏକ ଛୋଟ ବିଷୟ ବିଶ୍ୱାସ କରେ; ଅନ୍ୟ ଜଣେ, ଏକ ଛୋଟ କିଛି; ଏହା ଏକ ପ୍ରକାର ଟିକେ ଘର୍ଷଣ ସୃଷ୍ଟି କରେ ଏବଂ ବିଗତ ସମୟର ପୁରୁଣା ଘାଆଗୁଡ଼ିକୁ ବାହାର କରେ; ଏହି ସମୟ ସୁଦ୍ଧା ତାହା ଉପଶମ ହୋଇଯିବା ଉଚିତ୍, ମାତ୍ର ଏହା—ଏହା...ଆଉ ଯଦି ଆପଣ, କିମ୍ବା, ଯଦି ମୁଁ ଫୁଲ୍ ଗୋସ୍ପେଲ୍ ବ୍ୟବସାୟୀମାନଙ୍କୁ ପାଇଯାଏ, ତେବେ ତାହା ଏକ ପ୍ରକାରେ ଏହାକୁ ବାନ୍ଧିବାରେ ସାହାଯ୍ୟ କରେ, ଆଉ ଆମେ ଏକାଠି ହୋଇଯାଉ, ଏବଂ ଆମର ପ୍ରକୃତରେ ଏକତ୍ର ସହଭାଗିତା ହୋଇଥାଏ, ବାସ୍ତବରେ ଭଲ ସମୟ କେବଳ ଚାଲିଥାଏ। ଆଉ ଆମେ ତାହା ପ୍ରଶଂସା କରୁ। ପରମେଶ୍ୱର ସେହି ଅଧ୍ୟାୟକୁ ଆଶୀର୍ବାଦ କରନ୍ତୁ। ମୁଁ ବିଶ୍ୱାସ କରେ ଯେ ପ୍ରଭୁ ତାହାକୁ ଏକ ଉଦ୍ଦେଶ୍ୟରେ ଉଠାଇଛନ୍ତି।

33 ତେବେ...ଆଉ ଏହାପରେ ମୋତେ ଅନ୍ୟ ଦିନ ଭାଇ ଓରାଲ୍ ରୋବର୍ଟସଙ୍କ ସ୍ଥାନ ଦେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା। ଏବଂ ମୋହର ପ୍ରଭୁ, ଏପରି ଏକ ବୃହତ ସ୍ଥାନ, ଏତେ ଏକ ସୁନ୍ଦର ବିଷୟ। ଏହା—ଏହା ପେଣ୍ଟିକଷ୍ଟ ପାଇଁ ଏକ ସ୍ମାରକ ଅଟେ।

34 ତାହାପରେ ମୁଁ ଭାଇ ଟମି ଓସବର୍ନଙ୍କ ସ୍ଥାନକୁ ଗଲି, ଆଉ ଏକ ଅଦ୍ଭୁତ ସ୍ଥାନ, ପରମେଶ୍ୱରଙ୍କ ଜଣେ ଅଦ୍ଭୁତ ଲୋକ, ଯିଏ...ଭାଇ ଟମି ଏବଂ ମୁଁ ଅତି ଘନିଷ୍ଠ ଅଟୁ, ପୁଣି ଭାଇ ଓରାଲ୍, ମଧ୍ୟ, ପ୍ରକୃତରେ ଅତ୍ୟନ୍ତ ଘନିଷ୍ଠ ଭାଇମାନେ ଅଟୁ, ଆଉ ଆମେ ପରସ୍ପର ଜଣେ ଅନ୍ୟକୁ ପ୍ରେମ କରୁ, ଏବଂ ପରମେଶ୍ୱରଙ୍କ ରାଜ୍ୟରେ ଲୋକମାନଙ୍କ ମଙ୍ଗଳ ପାଇଁ ସର୍ବୋତ୍ତମ ଭାବେ ଆମେ ଯାହାକିଛି କରିପାରୁ ସେଥିପାଇଁ ଚେଷ୍ଟା କରୁ।

35 ଏଣୁ ମୁଁ ନିଶ୍ଚିତ ଭାବରେ ସେହି ପୁରୁଷମାନଙ୍କୁ ପ୍ରଶଂସା କରେ ଯେଉଁମାନେକି ଆପଣମାନଙ୍କ ପାଖରେ ରହିଥିବା ଏହି ଅବଶିଷ୍ଟ ଉତ୍ତମ ଲୋକମାନଙ୍କ ମଧ୍ୟରେ ଏହି ସହରରେ ଅଛନ୍ତି। ଆପଣ ମେଷମାନଙ୍କ ପାଖରେ ଅତି ଅଦ୍ଭୁତ ମେଷପାଳକମାନ ଅଛନ୍ତି। ମୁଁ କେବଳ, ମୁଁ ତାହାକୁ ସେହିପରି କହିବି। ମୋହର ପ୍ରାର୍ଥନା ଅଟେ ଯେ ପ୍ରଭୁ ଆପଣ ସମସ୍ତଙ୍କ ସହିତରେ ରହିଥାଆନ୍ତୁ। ଆଉ ତେବେ ଆସନ୍ତାକାଲି ଅପରାହ୍ନରେ, ମୁଁ...ଭାଇମାନେ, ସେବା କେଉଁ ସମୟରେ ଆରମ୍ଭ ହୋଇଥାଏ? ଦୁଇଟା-ତିରିଶ। ଧରି ନିଅନ୍ତୁ ଗୋଟିଏ—ଗୋଟିଏ କିମ୍ବା ଗୋଟିଏ-ତିରିଶରେ ଆପଣମାନେ ଏଠାରେ ଆସିଯିବା ଉଚିତ୍ ଯେପରିକି ତାହା ବାକି ସେବାଗୁଡ଼ିକରେ ବାଧା ସୃଷ୍ଟି କରିବ ନାହିଁ।

36 ତେବେ, ଯଦି ପିଲାମାନେ ଆପଣଙ୍କୁ ପୂର୍ବରୁ କିଛି କହି ନାହାଁନ୍ତି, ଆଜି ରାତ୍ରି ସେମାନଙ୍କ ପାଖରେ କିଛି ପୁସ୍ତକମାନ, ଚିତ୍ରମାନ ଓ ଇତ୍ୟାଦି ଅଛି, ଏବଂ ଟେପ୍‌ଗୁଡ଼ିକ, ଏବଂ ରେକର୍ଡମାନ, ଏବଂ...ଏହି ସଭାଗୁଡ଼ିକର ଅଛି, ଆଉ ସେମାନେ ତାହା ବିକ୍ରୟ କରନ୍ତି। ମାତ୍ର ଆସନ୍ତାକାଲି, ବିଶ୍ରାମବାରରେ ଆମେ ସେମାନଙ୍କୁ ସେସବୁକୁ ବିକ୍ରୟ କରିବାକୁ ଦେବୁ ନାହିଁ। ଆସନ୍ତାକାଲି କୌଣସି ପୁସ୍ତକ କିମ୍ବା କିଛିହେଲେ ବିକ୍ରୟ ହେବ ନାହିଁ। ଏଣୁ ଆମେ କରିବୁ ନାହିଁ...ଆମେ ତାହା କେବେହେଲେ ଅନୁମତି ଦେଇନାହୁଁ। ଯଦିଓ ଅନେକେ କହିଲେ, "ଆପଣ ଅତିଶୟ ଭୁଲ୍ ଅଟନ୍ତି..."

37 ଏବଂ ବୃଦ୍ଧ ବାପା ବୋସୱର୍ଥ ମୋତେ କହୁଥିଲେ, "ଓଃ, ଭାଇ ବ୍ରାନ୍‌ହାମ୍, ଆପଣ ସେଠାରେ ଭୁଲ୍ ଅଟନ୍ତି," ମାତ୍ର ମୁଁ ସେହି ପ୍ରକାରେ ହିଁ ଅନୁଭବ କରେ (ବୁଝିଲେ?), ଆଉ ମୁଁ—ମୁଁ ଅନୁଭବ କରେ। ଯଦି ଆପଣ ଗୋଟିଏ ଚାହୁଁଛନ୍ତି, ସେମାନେ ଆପଣଙ୍କୁ ଗୋଟିଏ ଦେବେ, ମାତ୍ର ଯଦି ଆପଣ...ମାତ୍ର ଆମେ ତାହା ବିଶ୍ରାମବାରରେ—ରେ ବିକ୍ରୟ କରିପାରିବା ନାହିଁ। ନା। ତାହାହିଁ ସବୁ ଅଟେ। ଯଦି ମୁଁ ତାହା ବିଶ୍ୱାସ କରେ, ତେବେ ମୋତେ ତାହାକୁ ବଞ୍ଚିବାକୁ ଅଛି, କେବଳ...ମୋତେ ତାହା ଦ୍ୱାରା ନିଜେ ବଞ୍ଚି ରହିବାକୁ ଅଛି। କଅଣ ଆପଣ ଦେଖନ୍ତି? ଏବଂ ମୋତେ—ମୋତେ ମୋହର ଦୃଢ଼ ବିଶ୍ୱାସ ସହିତ ବଞ୍ଚି ରହିବାକୁ ଅଛି ଆଉ ତେଣୁକରି...କିଅବା ଆପଣ ଘରକୁ ପଠାଇପାରନ୍ତି, ଏବଂ, ଘର ପର୍ଯ୍ୟନ୍ତ, ସେହି ସ୍ଥାନକୁ ଆସି ଏହାକୁ ନେଇପାରନ୍ତି।

38 ତେବେ ଆଜି ରାତ୍ରି, ଓଃ, ଆସନ୍ତୁ ଆମେ ସମସ୍ତେ କେବଳ ତାହା ଭୁଲିଯିବା, ଓଃ, ଯେ କୌଣସି କାର୍ଯ୍ୟ କରାଯିବାକୁ ଅଛି, କିମ୍ବା ଅନ୍ୟ କିଛି ଅଛି, କିଅବା ଦିନର ପରିଶ୍ରମ ଅଛି। ଆସନ୍ତୁ ଆମେମାନେ ସମସ୍ତକିଛି ବିଷୟକୁ ଅଲଗା କରିଦେବା, ଓ ଅଳ୍ପକିଛି ମିନିଟ୍ ବାକ୍ୟକୁ ଦେଖିବା, ଏବଂ ଦେଖିବା ଯେ ପରମେଶ୍ୱର ତାହାଙ୍କର ବାକ୍ୟ ମାଧ୍ୟମରେ ଆମକୁ କଅଣ କହିବେ। ଆଉ ମୁଁ ପ୍ରାର୍ଥନା କରିପାରେ ଯେ ପରମେଶ୍ୱର ଆଜି ରାତ୍ରିରେ ଆମକୁ ଏକ ଅତ୍ୟଧିକ ମହାନ ଆଶୀର୍ବାଦ ପ୍ରଦାନ କରିବେ।

39 ଜିନ୍, କଅଣ ତୁମେ ତାହାକୁ ମୋ ପାଇଁ ଅପହରଣ କରିପାରିବ? କଅଣ ତୁମେ ସେହି ସାନ ଝିଅକୁ ମୋ ପାଇଁ ଅପହରଣ କରି ପାରିବ? କଅଣ ସେ ଏକ ସୁନ୍ଦର ଛୋଟ ବିଷୟ ନୁହେଁ କି? କଅଣ ତୁମେ ମୋ ସହିତ ଘରକୁ ଯାଇ ମୋହର ଛୋଟ ସାରା ସହିତ ଖେଳିବାକୁ ଚାହିଁବ କି, ଯିଏକି ପ୍ରାୟଃ ଏତିକି ଉଚ୍ଚ ହେବ? ଓଃ, କଅଣ ତୁମେ ଚାହିଁବ? ମୁଁ—ମୁଁ ଚାହେଁ ଯେ ତୁମ ତାହା କର। ସେ ଠିକ୍ ତୁମର ଆକାର ବିଶିଷ୍ଟ, ଆଉ ସେ ବାପାର ଗେହ୍ଲା ସାନ ଝିଅ। ଉଁ-ହୁଁ। ହୁଁ। ଏବଂ ମୁଁ ସୁନିଶ୍ଚିତ ଅଟେ ଯେ ତୁମେ—ତୁମେ ମଧ୍ୟ ତୁମର ବାପାଙ୍କୁ ଭଲ ପାଅ, କଅଣ ତାହା ନୁହେଁ କି? ମାଆ? ଓଃ, ନିଶ୍ଚିତରେ ତୁମେ କର। ସବୁଠାରୁ ସୁନ୍ଦର ସାନ ଝିଅଟିକୁ, ମୁଁ ଏଠାରେ ବସିଥାଇ, ଦେଖୁଅଛି। ଛୋଟ ଛୋଟ ଆଖିମାନ ଏପରି ଦେଖାଯାଏ ଯେପରିକି କମ୍ବଳରେ ଦୁଇଟି ଜଳିଯାଇଥିବା ଛିଦ୍ର ଅଟେ ଏବଂ—ଏବଂ ଛୋଟ ବାଦାମୀ କେଶ।

40 ମୁଁ ଛୋଟ ପିଲାମାନଙ୍କୁ ବହୁତ ଭଲ ପାଏ । ମୋ ଘରେ ଦୁଇଟି ଛୋଟ ଝିଅପିଲା ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ହେଉଛି ରିବିକା ଏବଂ ଅନ୍ୟଟି ହେଉଛି ସାରା ।

41 ଏଠାରେ କିଛି ସମୟ ପୂର୍ବେ, ମୁଁ ଘରଠାରୁ ଦୂରରେ ଥିଲି । ସେମାନେ ଉଭୟ ବାପାଙ୍କ ଗେହ୍ଲା ସାନ ଝିଅମାନେ, ଆପଣ ଜାଣନ୍ତି, ଏବଂ ମୁଁ ସେମାନଙ୍କୁ ଭଲ ପାଏ । ଆଉ ଠିକ୍ ଯେତେବେଳେ ମୁଁ ପହଞ୍ଚେ, ମୋତେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଏକ ଉପହାର ଦେବାକୁ ଅଛି, ଏବଂ...କେବଳ ବେକୀ ତାହା ପାଇଁ ବହୁତ ବଡ଼ ଅଟେ; ସେ ମୋ ଯେତିକି ବଡ଼ ଅଟେ । ସେ ବର୍ତ୍ତମାନ ମୋହର ପିଠି ଭାଙ୍ଗିଦେବ; ସେ...ମାତ୍ର ତଥାପି ଯାହାହେଉ, ସେ ବାପାଙ୍କର ସାନ ଝିଅ ଅଟେ । ଆଉ ତେବେ, ପ୍ରାୟଃ ଆଉ ଗୋଟିଏ ବର୍ଷ, ଆମେ ତାହାକୁ କୌଣସିଠାରେ ବାଇବଲ ବିଦ୍ୟାଳୟରେ ଦେବାକୁ ଚାହୁଁଛୁ ଓ ସରକାରୀ ବିଦ୍ୟାଳୟଠାରୁ କାଢ଼ି ନେବାକୁ ଚାହୁଁଛୁ ।

42 ଏବଂ ତାହାପରେ, ସେମାନେ ଅପେକ୍ଷା କରୁଥିଲେ, ଆପଣମାନେ ଜାଣନ୍ତି, ଯେ ବାପା ଘରକୁ ଆସିବେ । ମୁଁ ବାହାରକୁ ସଭା ନିମନ୍ତେ ଯାଇଥିଲି । ଏବଂ ଆସନ୍ତାକାଲି ରାତ୍ରି ସେମାନେ ମଧ୍ୟରାତ୍ରି ଯାଏଁ ମୋହର ଘରକୁ ଆସିବାକୁ ଚେଷ୍ଟା କରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ । ଆଉ ତେଣୁକରି, ମୁଁ ସକାଳରେ ପ୍ରାୟଃ ଭୋର, ତିନି କିମ୍ବା ଚାରିଟା ବେଳେ ବାସ୍ତବରେ ପହଞ୍ଚିଲି । ଆଉ ମାଆ ଦ୍ୱାର ପାଖକୁ ଆସି ଫିଟାଇ ମୋତେ ଭିତରକୁ ଆସିବାକୁ ଦେଲେ, ଆଉ ମୁଁ ବହୁତ କ୍ଲାନ୍ତ ଓ ଥକି ଯାଇଥିଲି, ମୁଁ...ଏଠାରେ ମଞ୍ଚ ଉପରେ, ମୁଁ...ଯେତେବେଳେ ସେହି...ଅଭିଷେକ ଥାଏ ତାହା ଭଲ ଅନୁଭବ କରାଏ, ମାତ୍ର ଯେତେବେଳେ ତାହା ଥରେ ଆପଣଙ୍କୁ ଛାଡ଼ିଦିଏ, ସେହିଠାରେ ହିଁ ଆପଣ ଅସୁବିଧାରେ ପଡ଼ନ୍ତି । କେତେ ଜଣ ତାହା କେବେ ଜାଣିଥିଲେ? କାହିଁକି, ତାହା ନିଶ୍ଚିତରେ ଅଟେ ।

43 ଦେଖନ୍ତୁ । ଏଲିୟ ପର୍ବତ ଉପରକୁ ଯାଇ ସ୍ୱର୍ଗରୁ ଅଗ୍ନିକୁ ଡାକି ଆଣିଲେ, ସ୍ୱର୍ଗରୁ ବର୍ଷା ଡାକି ଆଣିଲେ, ଆଉ ତାହାପରେ ଯେତେବେଳେ ସେହି ଆତ୍ମା ତାଙ୍କୁ ଛାଡ଼ିଦେଲେ, ସେ ଚାଳିଶ ଦିନ ପ୍ରାନ୍ତରରେ ଘୂରି ବୁଲିଲେ ଏବଂ ପରମେଶ୍ୱର ତାଙ୍କୁ ଖୋଜି ପାଇଲେ, କୌଣସି ସ୍ଥାନରେ ଏକ ଗୁମ୍ଫାରେ ଲୁଚେଇ ରଖିଲେ ।

44 ଯୂନସ, ସେ ରସାତଳ ଗଭୀରକୁ ଗଲେ ଓ ଏକ ତିମି ମାଛର ପେଟରେ ତିନି ଦିନ ଓ ରାତ୍ରିକାଳ ରହିଲେ, ତାହାପରେ ସମୁଦ୍ର କୂଳରେ ଉଦ୍ଧାର କରାଗଲେ ଓ ସେ ବୁଲି ବୁଲି ପ୍ରଚାର କରିବାକୁ ଲାଗିଲେ । ସମଗ୍ର ନଗର ଅନୁତାପ କଲା ଓ ପରମେଶ୍ୱରଙ୍କ ନିକଟକୁ ଆସିଲା । ଆଉ ଯେତେବେଳେ ସେହି ଅଭିଷେକ ତାଙ୍କୁ ଛାଡ଼ିଦେଲା, ସେ ପାହାଡ଼ ଉପରକୁ ଯାଇ ପରମେଶ୍ୱରଙ୍କଠାରେ ତାଙ୍କର ଜୀବନକୁ ନେଇ ନେବା ପାଇଁ ବିନତୀ କଲେ । ବୁଝିଲେ?

45 ଅଧିକ ଦିନ ହୋଇନାହିଁ, ମୁଁ ୱିଲିୟମ୍ କାଉପରଙ୍କ କବର ପାଖରେ ଛିଡ଼ା ହୋଇଥିଲି, ଯିଏକି ସେହି ପ୍ରସିଦ୍ଧ ଭଜନକୁ ଲେଖିଥିଲେ ଯାହାକୁ ଆମେ ଆମର ପ୍ରଭୁଭୋଜର ସେବା ବେଳେ ବ୍ୟବହାର କରିଥାଉ:

ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି,
ଇମ୍ମାନୁଏଲଙ୍କ ଶିରାରୁ ଯାହା ଝରିଥାଏ,
ପାପୀମାନେ ଯେଉଁଠାରେ ବନ୍ୟା ଗଭୀରରେ ବୁଡ଼ିତ ହୁଅନ୍ତି...

46 କଅଣ ଆପଣ କେବେ ଶୁଣିଲେ କି ସେ...ତାଙ୍କ ସହିତ କଅଣ ଘଟିଲା? ସେହି ପ୍ରେରଣା ତାଙ୍କୁ ସେଥିରୁ ଛାଡ଼ି ଚାଲିଯିବା ପରେ, ସେ ଆତ୍ମହତ୍ୟା କରିବା ପାଇଁ ନଦୀ ଖୋଜିବାକୁ ଚେଷ୍ଟା କରିଥିଲେ ।

47 ମୁଁ ଓଲ୍ଡ କେଣ୍ଟକି ହୋମଠାରୁ ଠିକ୍ ପାଖରେ ହିଁ ରୁହେ । ଏବଂ ଷ୍ଟିଫେନ୍ ଫୋଷ୍ଟର ଆମେରିକାକୁ ତାହାର ସବୁଠାରୁ ସୁପ୍ରସିଦ୍ଧ ଲୋକ ଗୀତମାନ ଦେଇଥିଲେ । ଆଉ ଯେତେବେଳେ ସେ ଲେଖୁଥିଲେ, ଉର୍ଦ୍ଧ୍ୱରୁ ପ୍ରେରଣା ପାଉଥିଲେ, ସେହି ପ୍ରେରଣାରେ, ଏକ ଗୀତ ଲେଖୁଥିଲେ, ତାହାପରେ ଯେତେବେଳେ ସେ ସେଥିରୁ ବାହାରି ଆସୁଥିଲେ, ସେ ଯାଉଥିଲେ ଓ ମଦ୍ୟପାନ କରୁଥିଲେ । ଶେଷରେ, ଜଣେ ଚାକରକୁ ଡାକିଲେ ଆଉ ଏକ ଧାରୁଆ ଛୁରୀ ନେଲେ ଓ ଆତ୍ମହତ୍ୟା କଲେ ।

48 ଲୋକେ ଜାଣନ୍ତି ନାହିଁ ଯେ ସେହି ଆଧ୍ୟାତ୍ମିକ କ୍ଷେତ୍ରରେ ବାସ କରୁଥିବା ସେହି ଲୋକମାନେ କଅଣ କଅଣ ଦେଇ ଗତି କରନ୍ତି । ତେବେ *ଏଠାରେ*, ଆପଣ ଏହା ଅନୁଭବ କରନ୍ତି ଯେ ଆପଣ ଏକ ପର୍ବତକୁ ଘୁଞ୍ଚାଇପାରନ୍ତି । ମାତ୍ର ସେହି ଅଭିଷେକକୁ ଆପଣଙ୍କଠାରୁ ଅନ୍ୟତ୍ର କେବଳ ଚାଲିଯିବାକୁ ଦିଅନ୍ତୁ, ଆଉ ସେହି ଦ୍ୱାର ଦେଇ ଯିବା ଆରମ୍ଭ କରନ୍ତୁ (ଆପଣଙ୍କୁ ଧରିବା ପାଇଁ ଯଦି କେହି ଜଣେ ସେଠାରେ ନ ଥିବ, ଦେଖନ୍ତୁ) ଏବଂ ତାହାପରେ, ହୋଇପାରେ ଯେ କିଛି ଘଣ୍ଟା ପାଇଁ, ଆପଣ କ୍ୱଚିତ୍ ହିଁ, ଆଶ୍ଚର୍ଯ୍ୟ କରୁଥିବେ ଯେ ଆପଣ କେଉଁଠାରେ ଅଛନ୍ତି । ଆଉ ତାହାପରେ ରାତ୍ରି ପରେ ରାତ୍ରି, ତାହା ଆପଣଙ୍କୁ ଅତ୍ୟନ୍ତ କ୍ଳାନ୍ତ କରିଦିଏ ।

49 ଆଉ ସାନ...ଆପଣଙ୍କୁ ଛୋଟ ସାରା ଏବଂ ରିବିକା ବିଷୟରେ କହିବାକୁ ଚାହେଁ । ତେଣୁ ପରଦିନ ସକାଳରେ, ମୁଁ ଶୋଇପାରିଲି ନାହିଁ, ଆଉ ମୁଁ ଉଠି ପଡ଼ିଲି, ଗୋଟିଏ ଚୌକୀରେ ବସିଥିଲି, ଆଉ କିଛି ସମୟ ପରେ ବେକି, ବଡ଼ ହୋଇଥିବା ହେତୁ, ତାହାର—ସାରା ଅପେକ୍ଷା ଲମ୍ବା ଗୋଡ଼ ଥିଲା, ଓ ତେଣୁ ବେକି ଦୌଡ଼ିକି ଆସିଲା...ଉଠିଲା, ବିଛଣାରୁ ଡେଇଁ ପଡ଼ିଲା, ତାହାର ସାନ ଭଉଣୀକୁ ନ ଉଠାଇ, ଏବଂ ଏଠାରେ ସେ ଘର ଭିତର ଦେଇ ଆସିଲା, ଯେତିକି ଜୋର୍ ସେ ପାରିଲା ସେତିକି ଜୋର୍ ଦୌଡ଼ିକି ଆସିଲା । ସେ କହୁଥିଲା, "ବାପା, ବାପା..." ମୁଁ ମୋହର ଗୋଟିଏ ଗୋଡ଼ ବାହାର କାଢ଼ିଥିଲି, ଆଉ ସେ ତାହାକୁ ଡେଇଁ ପକାଇଲା, ଉତ୍ତମ ସନ୍ତୁଳିତ ଭାବେ । ଏକ ପ୍ରକାରେ ସେହି—ସେହି ଆଧୁନିକ ମଣ୍ଡଳୀ ପରି, ଆପଣ ଜାଣନ୍ତି, ତାହା ଏକ ଦୀର୍ଘ ସମୟ ଧରି ଖେଳରେ ରହିଆସିଛି, ଆପଣ ଜାଣନ୍ତି, ଅନେକ ଶହ ଶହ ବର୍ଷ ହେଲାଣି । ସେ ନିଜକୁ ଠିକ୍ ଭଲ ଭାବରେ ସନ୍ତୁଳିତ କରିପାରେ, ଏବଂ ସେ ନିଜର ବାହୁକୁ ମୋହର ଚାରିଆଡ଼େ ରଖିଲା ଓ କହିଲା, "ଓଃ, ମୋ ବାପା, ମୋ ବାପା..."

50 ଆଉ ସାନ ସାରା, ସେହି ଉତ୍ତେଜନା ଭିତରେ, ଉଠି ପଡ଼ିଲା । ତେବେ, ମୁଁ ଜାଣେ ନାହିଁ ଯେ ଆପଣଙ୍କର ପିଲାମାନେ ତାହା କରନ୍ତି, କି ନାହିଁ; ମୋହର ତ କରନ୍ତି: ସାନଟି ଜ୍ୟେଷ୍ଠ-ର-ପୋଷାକ ଇତ୍ୟାଦି ହସ୍ତାନ୍ତରରେ ପାଇଥାଏ । ଆଉ ତେଣୁକରି ସାରା ବେକିର ପାଇଜାମା ପିନ୍ଧିଥିଲା, ତାହାର ଗୋଡ଼ଗୁଡ଼ିକ ପ୍ରାୟଃ ଏତେ ଏତେ ଅଧିକ ଲମ୍ବା ଥିଲା, ଆପଣ ଜାଣନ୍ତି । ଆଉ ଏଠାରେ ସେ ଆସିଲା, ସାନ କୁନି ଛୋଟ ପିଲାଟିଏ, ଗଡ଼ି ପଡ଼ି, ଝୁଣ୍ଟି ପଡ଼ି । ଆଉ ସେ ସେଠାରେ ପହଞ୍ଚିଲା, ଅଳ୍ପ ବିଳମ୍ବରେ । ତେଣୁ ବେକି ବୁଲି ପଡ଼ି, କହିଲା, "ସାରା, ମୋ ଭଉଣୀ, ମୁଁ ତୋତେ କିଛି କହିବାକୁ ଚାହେଁ ।" ସେ କହିଲା, "ମୁଁ ଏଠାରେ ପ୍ରଥମେ ଆସିଲି । ଏବଂ ମୋ ପାଖରେ ଏକାଧିକାର ଅଛି । ତେଣୁ ମୁଁ ସମସ୍ତ ବାପା ପାଇଛି ଆଉ ତୋ ପାଇଁ କିଛି ହେଲେ ବାକି ନାହିଁ ।"

51 ଠିକ୍ ସେହି ପ୍ରକାରେ କେତେକ ଲୋକ ଧର୍ମ ବିଷୟରେ ଚିନ୍ତା କରିବାକୁ ଚେଷ୍ଟା କରନ୍ତି, କଅଣ ନୁହେଁ କି? ଉଃ-ହୁ । ତାହା ଠିକ୍ ଅଟେ ।

52 ଏବଂ ବେଚାରା ସାନ ସାରା, ସେ ତାହାର ଛୋଟ ଓଠଟି ତଳକୁ କଲା, ଏବଂ ତାହାର ଛୋଟ ଛୋଟ କଳା ଆଖିଗୁଡ଼ିକ ମୋ ଆଡ଼କୁ ଚାହିଁଲା, ଓ ସେ କାନ୍ଦିବାକୁ ଲାଗିଲା । ଏବଂ ବେକି ନିଜର ଗାଲକୁ ମୋ ଗାଲ ସହିତରେ ମିଶାଇ, ମୋତେ ଆଲିଙ୍ଗନ କରୁଥିଲା । ମୁ ତାହାକୁ ଭଲ ପାଏ । ଆଉ ସାରା ଚାଲିଯିବାକୁ ଆରମ୍ଭ କଲା କାରଣ ବେକି ପାଖରେ ସମସ୍ତ ବାପା ଥିଲେ । ମୁଁ ଅନ୍ୟ ଆଣ୍ଠୁକୁ *ଏହି* ପ୍ରକାରେ ବାହାର କଲି ଓ ତାହା ଆଡ଼କୁ *ସେହି* ପରି ଇଶାରା କଲି । ଓଃ, ସେ ଠିକ୍ ଶୀଘ୍ର ଆନନ୍ଦରେ ଦୌଡ଼ି ଆସିଲା, ଏବଂ ମୋ ଆଣ୍ଠୁ ଉପରକୁ ଡେଇଁ ପଡ଼ିଲା ଯେପରିକି... ସେ ଅନେକ ସମୟ ଧରି ଆଖପାଖରେ ନ ଥିଲା ଆଉ ତାହାର ଗୋଡ଼ମାନେ ମଧ୍ୟ ଭୂମିକୁ ପହଞ୍ଚୁ ନ ଥିଲା । ସେ ଏକ ପ୍ରକାରେ ଅଳ୍ପ ଟିକେ ଦୁର୍ବଳ ଥିଲା (ବୋଧହୁଏ, ମୁଁ ଯେପରି ଅଟେ, ଅଳ୍ପ ଟିକିଏ ଦୁର୍ବଳ, ଆପଣମାନେ ଜାଣନ୍ତି), ଏବଂ ସେ ନ ଥିଲା... ଭୂମିକୁ ପହଞ୍ଚି ପାରୁ ନ ଥିଲା । ସେ ଏକ ବଡ଼ ନାମଧାରୀ ସଙ୍ଗଠନ ନ ଥିଲା, ଆପଣ ଜାଣନ୍ତି, ଆଉ ତେଣୁକରି ସେ କଠିନ ଭୂମିକୁ ଓହ୍ଲାଇ ପାରୁ ନ ଥିଲା । ସେ ଯଥେଷ୍ଟ ସମୟ ଧରି ଆଖପାଖରେ ରହି ନ ଥିଲା ।

53 ଆଉ ତେଣୁ, ସେ ଏକ ପ୍ରକାରେ ଟଳମଳ ହେଉଥିଲା, ଏବଂ ମୁଁ ଦୁଇ ବାହୁକୁ ତାହାର ଚାରିପାଖରେ *ଏହିପରି* ଭାବରେ ଦେଇ ଦେଲି ଓ ତାକୁ ମୋହର ପାଖକୁ ଟାଣି ଆଣି ଆଲିଙ୍ଗନ କଲି, ଏବଂ ସେ ସେହି ଛୋଟ ଛୋଟ କଳା ଆଖିଗୁଡ଼ିକୁ ଚମକାଇ ଦେଇ, ରିବିକା ଆଡ଼କୁ ଚାହିଁଲା । ସେ କହିଲା, "ମୋ ଭଉଣୀ, ରିବିକା," ସେ—ସେ କହିଲା, "ଏହା ସତ ହୋଇପାରେ ଯେ ତୁ ସମସ୍ତ ବାପା ପାଇଅଛୁ, ମାତ୍ର ମୁଁ ଚାହେଁ ଯେ ତୁ ଗୋଟିଏ କଥା ଜାଣ: ବାପା ମୋର ସର୍ବତ୍ର କିଛି ପାଇଛନ୍ତି ।" ତେଣୁ...

54 ତାହା ହିଁ...ଠିକ୍ ସେହିପରି ଯେ ସେ ମୋର ସମସ୍ତ କିଛି ପାଇଛନ୍ତି । ବଡ଼ ବଡ଼ ବିଷୟଗୁଡ଼ିକୁ ରଖିବା ପାଇଁ ମୋ ପାଖରେ ଶିକ୍ଷା ନ ଥାଇପାରେ, ମାତ୍ର ଯେପର୍ଯ୍ୟନ୍ତ ମୁଁ ଜାଣେ

ଯେ ମୋହର ଦୁର୍ବଳତାରେ, ସେ ମୋହର ସମସ୍ତ କିଛିକୁ ପାଇଛନ୍ତି, ତାହାଙ୍କୁ କେବଳ ଦୁଇ ବାହୁକୁ ଚାରିପାଖେ ରଖିବାକୁ ଦିଅନ୍ତୁ, ତାହା ମୋତେ ଠିକ୍ ଭଲ ଅନୁଭବ କରାଇବ ।

55 ତେବେ, ଆସନ୍ତୁ ଆମେମାନେ ବାକ୍ୟ ଫିଟାଇବା ପୂର୍ବରୁ ତାହାଙ୍କୁ ଆଉ ଏକ ଅଳ୍ପ ଛୋଟ ପ୍ରାର୍ଥନାର ଶବ୍ଦ ଅର୍ପଣ କରିବା ।

56 ତେବେ, ହେ ସ୍ୱର୍ଗସ୍ଥ ପିତା, ଆମେ ଅନୁଭବ କରୁଛୁ ଯେ ଆମେମାନେ ମଧ୍ୟ ପିଲାମାନଙ୍କ ପରି ଅଟୁ । ଏବଂ—ଏବଂ ତୁମେ ଆମମାନଙ୍କ ସହିତ ରହିବାକୁ, ଓ ଆମମାନଙ୍କ ସହିତ ଉପାସନା କରିବାକୁ ଭଲ ପାଅ । ଆଉ ଯେତେବେଳେ ଆମେ ତୁମକୁ ଉପାସନା କରୁ, ଏବଂ ତୁମେ ଆମମାନଙ୍କୁ ଭଲ ପାଅ, ଓ ତୁମ ବାହୁରେ ଆମମାନଙ୍କୁ ଧରିଥାଅ, ଏବଂ ତୁମର ପବିତ୍ରଆତ୍ମାଙ୍କୁ ତଳକୁ ପଠାଇଥାଅ, ଏବଂ ଆମମାନଙ୍କୁ ଏହା ଜଣାଇଥାଅ ଯେ ତୁମେ ଜୀବନ୍ତ ଅଟ ଏବଂ ତୁମେ ଆମମାନଙ୍କର ପିତା ଅଟ, ଆମେ ତୁମକୁ ବହୁତ ଅଧିକ ଧନ୍ୟବାଦ ଦେଉଅଛୁ । ତେବେ, ଏହା ହେଉ ଯେ ଆଜିରାତ୍ରି ପବିତ୍ରଆତ୍ମା ଆମମାନଙ୍କ ପାଖକୁ ଆସନ୍ତୁ । ହେ ପ୍ରଭୁ, ପ୍ରତ୍ୟେକ ହୃଦୟକୁ ପ୍ରେମ କର । ଆମମାନଙ୍କୁ ଏକ ନୂତନ ଆଶୀର୍ବାଦ ଦିଅ । ହେ ପିତା, ଆମମାନଙ୍କ ଉପରେ ଦୟା ଶିଶିର ଢାଳି ଦିଅ । ଆମମାନଙ୍କର ପାପଗୁଡ଼ିକୁ ଦେଖ ନାହିଁ । ସେମାନେ ବହୁତ ଅଧିକ ଅଟନ୍ତି । ହେ ପ୍ରଭୁ, ସେଗୁଡ଼ିକୁ କ୍ଷମା କରିଦିଅ । ପିତା, ସେଗୁଡ଼ିକୁ ଛାଡ଼ିଦିଅ, ଏବଂ ଆମମାନଙ୍କୁ କେବଳ ତୁମ ବାହୁ ମଧ୍ୟକୁ ନେଇ ନିଅ, ଓ—ଓ ଆମର ଅସୁସ୍ଥତାକୁ ସୁସ୍ଥ କରିଦିଅ, ଆଉ—ଆଉ ଆମର ପ୍ରାଣଗୁଡ଼ିକୁ ପରିଷ୍କାର କରିଦିଅ ଏବଂ ଆମର ଆତ୍ମାଗୁଡ଼ିକୁ ମୁକ୍ତ କରିଦିଅ, ହେ ପ୍ରଭୁ, ଯେପରିକି ଆମେ ତୁମର ଉପାସନା କରିପାରିବୁ ଓ ପ୍ରଶଂସା କରିପାରିବୁ, ଛୋଟ ପିଲାମାନଙ୍କ ପରି ହୋଇ ଘର ଚାରିପାଖରେ ଦୌଡ଼ିପାରିବୁ, କେବଳ ଏହା ଜାଣି ଯେ ବାପା ଆମ ଉପରେ ନଜର ରଖିଛନ୍ତି । ହେ ପ୍ରଭୁ, ଏହା ପ୍ରଦାନ କର ।

57 ତେବେ, କୌଣସି ବ୍ୟକ୍ତି ବାକ୍ୟକୁ ବ୍ୟାଖ୍ୟା କରିବା ହେତୁ—ହେତୁ ସକ୍ଷମ ନୁହଁନ୍ତି । ଆମେ ତାହା ହୃଦବୋଧ କରୁ । ଯୋହନ ସିଂହାସନ ଉପବିଷ୍ଟ ବ୍ୟକ୍ତିଙ୍କ ଡାହାଣ ହାତରେ ପୁସ୍ତକକୁ ଦେଖିଲେ, ଏବଂ ସ୍ୱର୍ଗରେ କୌଣସି ବ୍ୟକ୍ତି ନ ଥିଲେ, କିମ୍ୱା ପୃଥିବୀରେ, କିମ୍ୱା ପୃଥିବୀ ତଳେ କେହି ନ ଥିଲେ ଯିଏକି ସେହି ପୁସ୍ତକଟିକୁ ଖୋଲିବା ହେତୁ, କିମ୍ୱା ତାହାର ମୁଦ୍ରାଗୁଡ଼ିକୁ ଫିଟାଇବା ହେତୁ ତାହାକୁ ନେବା ପାଇଁ ଯୋଗ୍ୟ ଥିଲେ । ଆଉ ସେଠାରେ ଏକ ମେଷଶାବକ ଉପରକୁ ଉଠି ଆସିଲେ, ଯିଏକି ଜଗତ ପତ୍ତନାବଧିଠାରୁ ହତ ହୋଇଥିଲେ । ଏବଂ ସେ ଯୋଗ୍ୟ ଥିଲେ । ଆଉ ସେ ପୁସ୍ତକଟି ନେଲେ, ଓ ତାହାର ମୁଦ୍ରାଗୁଡ଼ିକୁ ଫିଟାଇଲେ, ଏବଂ ପୁସ୍ତକ ଖୋଲିଲେ । ହେ ମେଷଶାବକ, ଆଜିରାତ୍ରିରେ ଆସ । ହେ ପିତା, ଯେତେବେଳେ ଆମେ ତୁମଠାରେ ଅପେକ୍ଷା କରୁଅଛୁ, ଆମ ପ୍ରତି ସେହି ପୁସ୍ତକଟିକୁ ଖୋଲିଦିଅ, ଯେହେତୁ ଆମେ ଏହାକୁ ପରମେଶ୍ୱରଙ୍କ ମେଷଶାବକ, ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

58 ଆଜିରାତ୍ରି, ଏଠାରେ ମୁଁ ତିନୋଟି ଶବ୍ଦର ଏକ ଛୋଟ ଶାସ୍ତ୍ରାଂଶ ପଦକୁ, ବାଛି ଅଛି । ମାତ୍ର ପ୍ରଥମେ ମୁଁ ସାଧୁ ଯୋହନ, ତାହାର 11ଶ ପର୍ବ 23ତମ ପଦରୁ ଆରମ୍ଭ କରି ପାଠ କରିବାକୁ ଚାହେଁ ।

*ଯୀଶୁ ତାଙ୍କୁ କହିଲେ, ତୁମ୍ଭ ଭାଇ ପୁଣି ଉଠିବ ।*

*ମାର୍ଥା ତାହାଙ୍କୁ କହିଲେ, ସେ…ଶେଷଦିନରେ ପୁନରୁତ୍‌ଥାନ ସମୟରେ ଉଠିବ, ଏହା ମୁଁ ଜାଣେ ।*

*ଯୀଶୁ ତାକୁ କହିଲେ, ମୁଁ ପୁନରୁତ୍‌ଥାନ, ଓ…ଜୀବନ: ଯେ ମୋ ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ:*

*ପୁଣି ଯେକେହି ବଞ୍ଚେ ଓ ମୋ ଠାରେ ବିଶ୍ୱାସ କରେ ସେ କଦାପି କେବେ ହେଁ ମରିବ ନାହିଁ । ଏହା କଅଣ ବିଶ୍ୱାସ କରୁଅଛ?*

*ସେ ତାହାଙ୍କୁ କହିଲେ, ହଁ, ପ୍ରଭୋ: ଯାହାଙ୍କର ଜଗତକୁ ଆଗମନ କରିବାର ଥିଲା, ଆପଣ ଯେ ପରମେଶ୍ୱଙ୍କର ପୁତ୍ର ସେହି ଖ୍ରୀଷ୍ଟ, ଏହା ମୋହର ବିଶ୍ୱାସ ।*

59 ଆଉ ଏକ ମୂଳପାଠ ନିମନ୍ତେ ମୁଁ ଏହି ତିନୋଟି ଶବ୍ଦକୁ ନେବା ପାଇଁ ଇଚ୍ଛା କରେ: *ଏହା କଅଣ ବିଶ୍ୱାସ କରୁଅଛ?*

60 କିଛି ସମୟ ପୂର୍ବରୁ ମୁଁ ଏକ କାହାଣୀ ପଢ଼ିଥିଲି । ମୁଁ ଭାବୁଛି ତାହା ଏକ କାଳ୍ପନିକ କାହାଣୀ ଥିଲା । ଆଉ ମୁଁ ଅନୁମାନ କରେ ଯେ, ଅଧିକାଂଶ ସମସ୍ତ ସେବକମାନେ, ଡାକ୍ତର ଇଂଗ୍ରାହାମଙ୍କର—ର ସେହି ପୁସ୍ତକ *ଦାଉଦଙ୍କ ଗୃହର ରାଜକୁମାର* ପାଠ କରିଥିବେ । ଏହା ଏକ ବହୁତ ମହାନ ପୁସ୍ତକ ଅଟେ । ଏହା, ମୁଁ ଭାବୁଛି ଯେ, ଏହାର ମୁଦ୍ରିତ ସଂସ୍କରଣଟି ସମ୍ପୂର୍ଣ୍ଣ ରୂପେ ସମାପ୍ତ ହୋଇ ଯାଇଅଛି । ମୁଁ ଏହାକୁ ମୁଦ୍ରିତ ଆକାରେ ପାଇବାକୁ ଚାହେଁ, ଯେପରିକି ମୁଁ ଏହାକୁ ଲୋକମାନଙ୍କ ମଧ୍ୟରେ ରଖିପାରେ ।

61 ଆଉ ସେଠାରେ, ମୁଁ ଏକ ଛୋଟ ପ୍ରବନ୍ଧ ପାଠ କରୁଥିଲି ଏହି ଲାଜାର ଉପରେ, ଆଉ ଯୀଶୁଙ୍କ ଉପରେ, ଏବଂ ମରିୟମ, ଓ ମାର୍ଥାଙ୍କ ଉପରେ, ଯେଉଁମାନେକି, ଲାଜାରର ଭଉଣୀମାନେ ଥିଲେ । ଆଉ ମୁଁ ସେଠାରେ ପାଠ କରୁଥିଲି ଯେ ଯେଉଁଠାରେ ଯୀଶୁ ରହୁଥିଲେ, ମୁଁ ବିଶ୍ୱାସ କରେ ଯେ, ମାର୍ଥା ଏବଂ ମରିୟମଙ୍କ ସହିତରେ । ସେମାନେ ଦୁହେଁ ସୁନ୍ଦର ଏବ୍ରୀୟ ଝିଅମାନେ ଥିଲେ । ଏବଂ ଲାଜାର ଯାଜକମାନଙ୍କ ପାଇଁ ବ୍ୟବସ୍ଥାର ଚିଠିଗୁଡ଼ିକ ତିଆରି କରିବା ପାଇଁ, ମନ୍ଦିରରେ ଶାସ୍ତ୍ରୀ ହେବାର ଶିକ୍ଷା ଗ୍ରହଣ କରୁଥିଲେ କିମ୍ବା ତାଲିମ ନେଉଥିଲେ ।

62 ଆଉ ଯୀଶୁଙ୍କର ବିଶେଷ କରି ଲାଜାରଙ୍କ ସହିତରେ, ବହୁତ ସୁନ୍ଦର ସହଭାଗୀତା ଥିଲା । ଯେତେବେଳେ ଆମେ ସେହି ପୁସ୍ତକରେ ପାଠ କରୁ ଯେ ଯେଉଁଠାରେ ସେ ସେମାନଙ୍କ ଘରକୁ ଆସିଥିଲେ, ଏବଂ ମାର୍ଥା ତାହାଙ୍କର କଥା ଶୁଣିବା ପାଇଁ ଟିକେ ବିବ୍ରତ ହୋଇ ପଡ଼ିଥିଲେ, ମାତ୍ର

ତାଙ୍କୁ ତ ରାତ୍ରି ଭୋଜନ ପ୍ରସ୍ତୁତ କରି ମେଜ ସଜାଡ଼ିବାକୁ ପଡ଼ିଥିଲା, କିନ୍ତୁ ମରିୟମ ତାହାଙ୍କ ପାଦ ତଳେ ବସି ରହିଥିଲେ । ଆଉ ଯୀଶୁ କହିଥିଲେ ଯେ ମରିୟମ ଉତ୍ତମ ବିଷୟ ବାଛି ନେଇଛି ।

63 ଏବଂ ତାହାପରେ, ଆମକୁ କୁହାଯାଇଛି ଯେ ତାହା ଲାଜାର ହିଁ ଥିଲା ଯିଏକି ଯୀଶୁଙ୍କୁ ଯୋହନଙ୍କ ନିକଟକୁ ଆଣିଥିଲେ, ଡାକ୍ତର ଇଂଗ୍ରାହାମଙ୍କ ପୁସ୍ତକଗୁଡ଼ିକର କାହାଣୀରେ, ଏବଂ... *ଦାଉଦଙ୍କ ଗୃହର ରାଜକୁମାର* ଉପରେ । ହୋଇପାରେ, ତାହା ସତ ହୋଇ ନ ଥିବ, ମୁଁ ଜାଣେ ନାହିଁ, ମାତ୍ର ଏହାର ପୃଷ୍ଠଭୂମି ପାଇଁ କେବଳ, ମାତ୍ର ସେ ସେମାନଙ୍କ ସହିତରେ ରହୁଥିବାର ଅନୁମାନ କରାଯାଉଥିଲା ।

64 ତେବେ, ଆମେମାନେ ଏହା ଶିକ୍ଷା କରିଅଛୁ ଏହି ଆଗାମୀ, ବରଂ, ଏହି ବିଗତ ସପ୍ତାହରେ, ଯେ ଯୀଶୁ ସାଧୁ ଯୋହନ 5:19 ରେ କହିଲେ, "ମୁଁ...ପୁତ୍ର ନିଜଠାରେ କିଛି କରିପାରନ୍ତି ନାହିଁ, ମାତ୍ର ଯାହା ସେ ପିତାଙ୍କୁ କରୁଥିବାର ଦେଖନ୍ତି: ପୁତ୍ର ମଧ୍ୟ ଠିକ୍ ତାହାହିଁ କରନ୍ତି । ପିତା କାର୍ଯ୍ୟ କରନ୍ତି ଏବଂ ପୁତ୍ର ଠିକ୍ ସେହି ସମାନ କାର୍ଯ୍ୟ କରନ୍ତି ।" ବୁଝିଲେ? "ଯାହା ସେ ପିତାଙ୍କୁ କରୁଥିବାର ଦେଖନ୍ତି ।"

65 ଏଣୁ ଏହାକୁ ପ୍ରକୃତରେ ସଠିକ୍ କାହାଣୀ କରିବାକୁ ହେଲେ, ପିତା, ପରମେଶ୍ୱର, ନିଶ୍ଚିତ ଭାବରେ ତାହାଙ୍କ ପୁତ୍ର, ଯୀଶୁଙ୍କ ସହିତ କଥା ହୋଇଥିବେ, ଏବଂ କହିଥିବେ, "ତୁମର ବନ୍ଧୁ, ଲାଜାର, ମରିବାକୁ ଯାଉଅଛି, ମାତ୍ର ଏହା ଭଲ ପାଇଁ ହେବାକୁ ଯାଉଅଛି, ଏଣୁ ତୁମେ ଘର ଛାଡ଼ିଦିଅ । ଦୂରକୁ ଚାଲିଯାଅ, କାରଣ ତାହା ନିମନ୍ତେ ପ୍ରାର୍ଥନା କରିବା ପାଇଁ ଏହା ତୁମକୁ କୁହାଯିବ, କିମ୍ୱା, ତାହାକୁ ସୁସ୍ଥ କରିବା ପାଇଁ କୁହାଯିବ, ଆଉ—ଆଉ ମୁଁ ଚାହେଁ ନାହିଁ ଯେ ତୁମେ ତାହା କର ।" ଯଦି ଆପଣ କାହାଣୀଟିକୁ ଦେଖିବେ ଯେତେବେଳେ ଆମେମାନେ ଆଗକୁ ଯାଉ, ଆପଣ ଦେଖିବେ ଯେ ତାହା ସେହି ସତ୍ୟର ଘଟିକା ପର୍ଯ୍ୟନ୍ତ ଆସି ପହଞ୍ଚେ । ଏଣୁ, ଯୀଶୁ, କୌଣସି ଚେତାବନୀ କିମ୍ୱା କିଛି ବିନା, ସେହି ଘରୁ ଚାଲିଗଲେ ଏବଂ ଅନ୍ୟ କୌଣସି ସ୍ଥାନକୁ ପଳାଇଗଲେ, ସେହି ରାତ୍ରି ଆଉ ଫେରିଲେ ନାହିଁ । ଆଉ ସେ ଅନ୍ୟାନ୍ୟ କେତେକ ସହରକୁ ଚାଲିଗଲେ । ଆଉ ଠିକ୍ ଯେମିତି ଯୀଶୁ ଘରୁ ବାହାରିଲେ, ସେତେବେଳେ ସଙ୍କଟ ପଶି ଆସିଲା ।

66 ଏବଂ ଯେତେବେଳେ ଯୀଶୁ ଆପଣଙ୍କ ଘରକୁ ଛାଡ଼ି ଚାଲିଯାଆନ୍ତି, ସେତେବେଳେ ସଙ୍କଟ ତାହାର ମାର୍ଗରେ ଥାଏ । କେବଳ ମନେରଖନ୍ତୁ, ଯେତେବେଳେ ସେ ଆପଣଙ୍କ ଘରକୁ ଛାଡ଼ି ଚାଲିଯାଆନ୍ତି, ସଙ୍କଟ ବାଟରେ ଆସୁଥାଏ । ଯେତେବେଳେ ଆପଣ ସାମାଜିକ ସମାଜଗୁଡ଼ିକୁ ଓ ସମସ୍ତକିଛି ବିଷୟକୁ ନିଜର ମଣ୍ଡଳୀରେ ନିଖୁନ୍ତ ଭାବେ କାର୍ଯ୍ୟରତ ହେଉଥିବାର ପାଆନ୍ତି, ଯେପରିକି କିଛି ଗୋଟାଏ ବଡ଼ ବୃହତ୍ ଷୋହଳ ସିଲିଣ୍ଡର ଥିବା ରିକନ୍‌ବ୍ୟାକର କାରଯାନ ପରି, ଏବଂ ଆପଣ ସେଥିରୁ ଯୀଶୁଙ୍କୁ ବାହାର କରିଦିଅନ୍ତି, ଯେତେବେଳେ ଯୀଶୁ ଆପଣଙ୍କର ମଣ୍ଡଳୀରୁ ଚାଲିଯାଆନ୍ତି, ସଙ୍କଟ ମାର୍ଗରେ ଆସୁଥାଏ । ହଁ, ମହାଶୟ, ଯେତେବେଳେ ଯୀଶୁ ଏକ ନାମଧାରୀ ସଂସ୍ଥାକୁ ଛାଡ଼ି ଦିଅନ୍ତି, ସେମାନେ ଯେ ତାହାଙ୍କୁ ଗୋଟିଏ ପଟକୁ ଅଲଗା

କରିଦିଅନ୍ତି ଓ କୁହନ୍ତି, "ତେବେ, ବର୍ତ୍ତମାନ ଆମେମାନେ ଠିକ୍ ଏହା ବିଶ୍ୱାସ କରୁନାହୁଁ ଯେ ଏହି ବିଷୟଗୁଡ଼ିକ ସମ୍ପୂର୍ଣ୍ଣଭାବେ ସଠିକ୍ ହୋଇପାରେ," ଆଉ ଆପଣ ଅନ୍ୟ କିଛି ବିଷୟକୁ ଗ୍ରହଣ କରିନିଅନ୍ତି, ତେବେ ସଙ୍କଟ ତାହାର ମାର୍ଗରେ ଆସୁଥାଏ । କେବଳ ତାହା ମନେ ରଖନ୍ତୁ ।

67 ତାହା ମୋତେ ପ୍ରଭୁ ଯୀଶୁଙ୍କର ଏକ କାହାଣୀକୁ ମନେ ପକାଇଦିଏ, ଯାହାକି ଲୂକ ଲିଖିତ ପୁସ୍ତକରେ ମିଳେ । ଆପଣ ଜାଣନ୍ତି ଯେ ଯେତେବେଳେ ସେ ପ୍ରାୟଃ ବାର ବର୍ଷର ବାଳକଟିଏ ଥିଲେ, ପେଣ୍ଟିକଷ୍ଟ ପର୍ବକୁ, ତାହାଙ୍କର ଲୋକମାନେ ତାହାଙ୍କୁ ନେଇକି ଯାଇଥିଲେ, ଯେପରିକି ପ୍ରତିବର୍ଷ ତାହାଙ୍କର ପରମ୍ପରା ଥିଲା । ପୁଣି ଯେତେବେଳେ ସେମାନେ ଯିରୂଶାଲମ ନଗରରେ ପର୍ବ ପାଇଁ ଥିଲେ ଏବଂ ଏକ ଭଲ ସମୟ ଚାଲିଥିଲା, ଆମେମାନେ ବାଇବଲରେ ପାଉ, ଯେ ସେମାନେ ତାହାଙ୍କର ବିନା ତିନି ଦିନ ଯାତ୍ରା କରି ନେଇଥିଲେ । ଏବଂ ସେମାନେ ଭାବି ନେଇଥିଲେ ଯେ ବୋଧହୁଏ, ଏହାକୁ ହାଲୁକା ଜ୍ଞାନ କରିଥିଲେ, ଯେ ଯୀଶୁ ନିଶ୍ଚିତ ଭାବରେ ସେମାନଙ୍କର କୌଣସି ସମ୍ପର୍କୀୟମାନଙ୍କ ମଧ୍ୟରେ ରହିଥିବେ । ତେବେ, ଆମେମାନେ ତାହା କରିପାରିବା ନାହିଁ । ଯେତେବେଳେ ସେମାନେ ଖୋଜିବା ପାଇଁ ସେମାନଙ୍କର ସମ୍ପର୍କୀୟମାନଙ୍କ ମଧ୍ୟରେ ଯିବାକୁ ଆସିଲେ, ସେ ସେଠାରେ ନ ଥିଲେ ।

68 ଏବଂ ଆମେ ଏହାକୁ ହାଲୁକା ଭାବେ ନେଇପାରିବା ନାହିଁ, କେବଳ ଏଇଥି ପାଇଁ ଯେ ଯେହେତୁ ଆମେ ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସବିଟେରିଆନ୍, ପେଣ୍ଟିକଷ୍ଟ ଅଟୁ, ଏବଂ ଆମର ପୃଷ୍ଠଭୂମିମାନ ଏବଂ ଆମର ପିତୃପୁରୁଷମାନେ ମହାନ ବିଶ୍ୱାସୀମାନେ ଥିଲେ, ଆମେ ଏହାକୁ କେବଳ, ତେବେ, ହାଲୁକା ଭାବରେ ନେଇ ଥାଉ, ଯେ ଯୀଶୁ ଆମ ସହିତରେ ଅଛନ୍ତି । ଆମେ ତାହା କରିପାରିବା ନାହିଁ । ଆମକୁ ତ ପ୍ରତିଦିନ ଏବଂ ପ୍ରତି ମିନିଟରେ ତାହାଙ୍କ ସହିତରେ ସମ୍ପର୍କରେ ରହିବାକୁ ଅଛି । ଓଃ, ମୁଁ ତାହା ଭଲ ପାଏ ।

69 ମୁଁ ତାହା ଚାହେଁ ଯାହା ପରମେଶ୍ୱର ବର୍ତ୍ତମାନ ଅଛନ୍ତି । ମୋହର ପିତାମାତାଙ୍କର ପାଖରେ ଯାହା ଥିଲା, ମୋହର ପୂର୍ବପୁରୁଷମାନଙ୍କ ପାଖରେ ଯାହା ଥିଲା, ତାହା ଅଦ୍ଭୁତ ଅଟେ, ମାତ୍ର (ସେମାନଙ୍କ ପାଖରେ ଯାହା ଥିଲା ତାହା ଉତ୍ତମ ଅଟେ ।) ମୁଁ ଭାବୁଛି ଯେ ଆମେ ମାର୍ଗରେ ଆହୁରି ଆଗକୁ ଅଗ୍ରସର ହୋଇଅଛୁ ।

70 ଆସନ୍ତୁ ଦେଖିବା ଯେ ସେ ଆଜି କଅଣ ଅଟନ୍ତି । ମୁଁ ପଛକୁ ଚାହିଁ ଶ୍ରୀମାନ ମୁଡ଼ି କଅଣ କରିଥିଲେ ତାହା ଦେଖିବାକୁ ଚାହେଁ ନାହିଁ, କାରଣ ଆମେ ଶ୍ରୀମାନ ମୁଡ଼ିଙ୍କ ଅପେକ୍ଷା ମାର୍ଗରେ ବହୁତ ଅଧିକ ଆଗକୁ ଅଗ୍ରସର ହୋଇଅଛୁ । ଆମର ମଣ୍ଡଳୀଗୁଡ଼ିକର ସମସ୍ୟା ଏହା ଯେ: ଆମେ ପଛକୁ ଚାହିଁ ଏହା କହିଥାଉ, "ତେବେ, ଆସନ୍ତୁ ଦେଖିବା ଶ୍ରୀମାନ ଜନ୍ ୱେସଲି କଅଣ କହିଛନ୍ତି, ଅନ୍ୟମାନଙ୍କ ମଧ୍ୟରୁ କେତେକେ କଅଣ କହିଛନ୍ତି ।" ସେହି କାରଣରୁ ଧର୍ମ ନିଜର କ୍ଷେତ୍ରରେ ଯେତିକି ଅଗ୍ରସର ହୋଇଅଛି, ତାହା ଅପେକ୍ଷା କହିଁ ଅଧିକ ବିଜ୍ଞାନ ନିଜର କ୍ଷେତ୍ରରେ ଅଗ୍ରସର ହୋଇଅଛି ।

71 ଏଠାରେ ତିନି ଶହ ବର୍ଷ ପୂର୍ବେ, ଜଣେ ଫରାସୀ ବୈଜ୍ଞାନିକ ପ୍ରମାଣ କରିଥିଲେ ଯେ ଯଦି ଆପଣ ପଇଁ-ତିରିଶ ମାଇଲ୍ ପ୍ରତି ଘଣ୍ଟାର ଅତିଶୟ ବେଗରେ ଗତି କରିବେ, ମାଧ୍ୟାକର୍ଷଣ ଶକ୍ତି ଆପଣଙ୍କୁ ପୃଥିବୀରୁ ଉପରକୁ ଉଠାଇ ନେଇଯିବ । କଅଣ ଆପଣ ଭାବୁଛନ୍ତି ଯେ ବିଜ୍ଞାନ ଆଜି ଫେରି ସେହି ପ୍ରସଙ୍ଗକୁ ସୂଚାଇବ? ସେମାନେ ଉଣେଇଶ ଶହ ମାଇଲ୍ ପ୍ରତି ଘଣ୍ଟା ବେଗରେ ଗମନ କରୁଛନ୍ତି ଏବଂ ଯିବା ଜାରି ରଖିଛନ୍ତି । ସେମାନେ ଆଗକୁ ଚାହିଁ, ଆଗକୁ ବଢ଼ି ଚାଲିଛନ୍ତି । ମାତ୍ର ଆମେ ପଛକୁ ଚାହିଁ ଏହା ଦେଖିବା ଚାହୁଁ ଯେ ମୁଡ଼ି କଅଣ କହିଥିଲେ; ସାଙ୍କି କଅଣ କହିଥିଲେ; ଫିନି କଅଣ କହିଥିଲେ; ନକ୍ସ, କାଲଭିନ୍; ସେମାନଙ୍କ ମଧ୍ୟରୁ କେତେକେ କଅଣ କହିଥିଲେ । ସେମାନେ ଯାହା କହିଥିଲେ ତାହା ସମ୍ପୂର୍ଣ୍ଣ ଠିକ୍ ଥିଲା । ତାହା ସେମାନଙ୍କ ଯୁଗ ପାଇଁ ଥିଲା, ମାତ୍ର ଆମେ ଆଗକୁ ଗତି କରୁଅଛୁ ।

72 ମୋ ଜେଜେବାପା ଏକ ବଳଦଗାଡ଼ି ଚଲାଇଥିଲେ । ମୁଁ ଏକ ଫୋର୍ଡ ଭି୫ କାର ଚଲାଉଅଛି । ମୋ ପୁଅ ଏକ ଜେଟ୍ ବିମାନ ଉଡ଼ାଇବ । ତାହାର ଅର୍ଥ ହେଉଛି, ଆମେମାନେ ଆଗକୁ ବଢୁଅଛୁ । ଧର୍ମ ମଧ୍ୟ ତାହାହିଁ ହେବା ଉଚିତ୍ । ପ୍ରଭୁଙ୍କ ଆଗମନଟି ସନ୍ନିକଟ ଅଟେ । ମଣ୍ଡଳୀକୁ ତାହାର ଶକ୍ତି ସାମର୍ଥ୍ୟରେ ଆଗକୁ ବଢ଼ିବା ଉଚିତ୍ । ବିଜ୍ଞାନ କେବଳ ସେତିକି ପର୍ଯ୍ୟନ୍ତ ଚଢ଼ିପାରେ ଏବଂ ତାହାପରେ ତାହାକୁ ହ୍ରାସ ପାଇବାକୁ ଅଛି, ମାତ୍ର ଆମ ପାଖରେ ତ ଅସରନ୍ତି ଭଣ୍ଡାର ଅଛି, ପରମେଶ୍ୱରଙ୍କ, ଯେଉଁ ଅସୀମିତ, ଶକ୍ତି, ଯାହା କେବେବି ସ୍ପର୍ଶ କରାଯାଇ ନାହିଁ, ତାହା ଭିତରକୁ ଆମେ ପ୍ରବେଶ କରିବା ଉଚିତ୍ । ଆମେମାନେ ତ ଆଜିରାତ୍ରି ଆମ ସୌଭାଗ୍ୟର ଅଧୀନରେ ଏକ ମିଲିୟନ୍ ମାଇଲ୍ ବାସ କରୁଅଛୁ, ଖ୍ରୀଷ୍ଟିଆନ ହେବାର ସୌଭାଗ୍ୟମାନଙ୍କୁ ଉପଭୋଗ କରୁଅଛୁ । ମୁଁ ସେତେବେଳେ ନିଜକୁ ଲଜ୍ଜିତ ଅନୁଭବ କରେ ଯେତେବେଳେ ମୁଁ ଏଠାରେ ବାହାରକୁ ଅନାଏ ଏବଂ ସେହି ଅନୁଷ୍ଠାନଗୁଡ଼ିକୁ, ଏବଂ ସେହି ଅସୁସ୍ଥତାକୁ, ଓ ସେହି ସମସ୍ୟାଗୁଡ଼ିକୁ ଦେଖେ ଯାହାକି ବର୍ତ୍ତମାନ ଚାଲିଅଛି । ଆମ ମଣ୍ଡଳୀକୁ ତ ରାସ୍ତାରେ ଚାଲି ଯାଉ ଯାଉ, ରୋଗୀଙ୍କୁ ସୁସ୍ଥ କରିବା, ମୃତମାନଙ୍କୁ ପୁନରୁତ୍‌ଥାନ କରିବା, ଭୂତମାନଙ୍କୁ ବାହାର କରୁଥିବା ଉଚିତ୍ ଅଟେ, ଚିହ୍ନ ଓ ଚମତ୍କାରମାନ ସାଧନ କରୁଥିବା ଉଚିତ୍ ଅଟେ, ଏବଂ ସମଗ୍ର ବିଶ୍ୱକୁ ଏହା ଅନୁଭବ କରାଉଥିବା ଉଚିତ୍ ଅଟେ ଯେ ଯୀଶୁ ଖ୍ରୀଷ୍ଟ ଜୀବିତ ଅଛନ୍ତି । ତାହା ହିଁ ଅଟେ ଯାହାକି ଆମମାନଙ୍କୁ କରିବା ଆବଶ୍ୟକ ।

73 କାହିଁକି, ଆପଣ କୁହନ୍ତି, "ଶ୍ରୀମାନ୍ ମୁଡ଼ି ତ କଦାପି…" ଶ୍ରୀମାନ୍ ମୁଡ଼ି ଏହି ଦିନରେ ବାସ କରି ନ ଥିଲେ । ତାହା ଠିକ୍ ଅଟେ । ଆମେମାନେ ପ୍ରଭୁଙ୍କ ଆଗମନର ସମୟରେ ରହୁଅଛୁ । ଏବଂ ଆମେ ଏହାକୁ ଅତିଶୟ ହାଲୁକା ଭାବରେ ଗ୍ରହଣ କରିନେଇଛୁ ଯେ ସେ ଆମମାନଙ୍କର ସମ୍ପର୍କୀୟମାନଙ୍କ ସହିତରେ ଅଛନ୍ତି । ମାତ୍ର ଅନ୍ୟ ଏକ ଦିନ ଯେତେବେଳେ ଜଣେ ଦାବିଦାର ଶ୍ରୀମାନ ଗ୍ରାହାମକୁ ଆହ୍ୱାନ କଲା, ଆମେମାନେ ଜାଣିବାକୁ ପାଇଲୁ ଯେ ସେ ଆମମାନଙ୍କର ସମ୍ପର୍କୀୟମାନଙ୍କ ମଧ୍ୟରେ ନାହାଁନ୍ତି ।

74 ସେମାନେ ତାହାଙ୍କୁ କେଉଁଠାରେ ପାଇଲେ? କେଉଁଠାରେ—ସେମାନେ ଯୀଶୁଙ୍କୁ

କେଉଁଠାରେ ପାଇଲେ? ଠିକ୍ ଯେଉଁଠାରେ ସେମାନେ ତାହାଙ୍କୁ ଛାଡ଼ିଥିଲେ। ସେମାନେ ତାହାଙ୍କୁ କେଉଁଠାରେ ଛାଡ଼ିଥିଲେ? ପେଣ୍ଟିକଷ୍ଟର ପର୍ବରେ। ଆମେମାନେ ଯୀଶୁଙ୍କୁ କେଉଁଠାରେ ଛାଡ଼ିଅଛୁ, ମଣ୍ଡଳୀ କେଉଁଠାରେ ଛାଡ଼ିଅଛି? ପେଣ୍ଟିକଷ୍ଟର ପର୍ବରେ। ଯେତେବେଳେ ଆମେମାନେ ସେହି ପୁରୁଣାକାଳିଆ ପେଣ୍ଟିକଷ୍ଟାଲ୍ ସାମର୍ଥ୍ୟ ଏବଂ ପେଣ୍ଟିକଷ୍ଟର ପର୍ବରୁ ଦୂରେଇ ଯାଉ, ଆମେ ଯୀଶୁଙ୍କଠାରୁ ଦୂରେଇ ଚାଲିଯାଉ। ବନ୍ଧୁ, ତାହା ଅବିକଳ ଠିକ୍ ଅଟେ। ଆମେମାନେ ଆମର ଅଧିକାରଗୁଡ଼ିକର ଅଧୀନରେ ବାସ କରୁଅଛୁ। ହଁ, ଆଜ୍ଞା।

75 ସେମାନେ ତାହାଙ୍କୁ ପେଣ୍ଟିକଷ୍ଟ ପର୍ବରେ ଛାଡ଼ିଥିଲେ, ଏବଂ ତାହାହିଁ ଏକମାତ୍ର ସ୍ଥାନ ଅଟେ ଯେଉଁଠାରେକି ମେଥୋଡିଷ୍ଟ, ବାପ୍ଟିଷ୍ଟ, ପ୍ରେସବିଟେରିଆନ୍, ଏବଂ ପେଣ୍ଟିକଷ୍ଟାଲମାନେ ତାହାଙ୍କୁ କେବେବି ପାଇପାରିବେ, ଯେ ସେହି ସ୍ଥାନକୁ ଫେରିଯାଆନ୍ତୁ ଯେଉଁଠାରେ ତୁମେ ତାହାଙ୍କୁ ଛାଡ଼ିଥିଲ। ପ୍ରଭୁଙ୍କର ଆନନ୍ଦ କେଉଁଠାରେ ଅଛି? ପ୍ରଭୁଙ୍କ ସାମର୍ଥ୍ୟ କେଉଁଠାରେ ଅଛି? ମଣ୍ଡଳୀ ଆଜି ପ୍ରଶ୍ନ କରେ, "ଇତିହାସର ପରମେଶ୍ୱରଙ୍କୁ କଅଣ—କଅଣ ହେଲା?" ସେ ତାହାଙ୍କର ଲୋକମାନଙ୍କ ଅପେକ୍ଷାରେ ଅଛନ୍ତି ଯେ ସେମାନେ ତାହାଙ୍କୁ ଘଟଣାସ୍ଥଳକୁ କେବେ ଡାକିବେ। ମାତ୍ର ସେହି...

76 ଆମେ ତାହାକୁ ନାମଧାରୀ ସଂସ୍ଥାଗୁଡ଼ିକ ମାଧ୍ୟମରେ କରିପାରିବା ନାହିଁ। ଆମେ ତାହାକୁ ମନୋବିଜ୍ଞାନ ଅଧୀନରେ କରିପାରିବା ନାହିଁ। ଆମେ ତାହାକୁ ବୀଜଗଣିତ ଅଧୀନରେ କରିପାରିବା ନାହିଁ, କିମ୍ବା ଆମେ ତାହାକୁ ଶିକ୍ଷା ସହିତରେ କରିପାରିବା ନାହିଁ। ଆମେ ନିଜକୁ ପୃଥକ କରିଥାଉ, ନିଜକୁ ଭାଗ ଭାଗ କରିଥାଉ। ଆମେ ବିଭାଜିତ ନୋହୁଁ। ଆମେମାନେ ତ ପ୍ରକୃତରେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଜଣେ ବ୍ୟକ୍ତି ଅଟୁ। ଆମେମାନେ ସମସ୍ତେ ଖ୍ରୀଷ୍ଟଙ୍କଠାରେ ଏକ ଅଟୁ, ଏବଂ ଆମର ନାମଧାରୀ ସଂସ୍ଥାଗୁଡ଼ିକ ତାହା କେବେହେଲେ କରିବେ ନାହିଁ। ସେମାନେ ଯେତେ ଭଲ ହେଲେ ସୁଦ୍ଧା, ସେମାନେ ତାହା କରିବେ ନାହିଁ। ଆମର ଶିକ୍ଷା ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ ଯାହାକି କେବେ ସୁସମାଚାରର ରହିଥିଲା, ତାହା ହେଲା ଶିକ୍ଷା।

77 ଆମକୁ ଯାହା ଦରକାର ତାହା ଶିକ୍ଷା ନୁହେଁ। ଆମମାନଙ୍କୁ ତ ଶକ୍ତି ପ୍ରଦର୍ଶନ କରିବା ହେତୁ ମଣ୍ଡଳୀରେ ପବିତ୍ରଆତ୍ମାଙ୍କର ସାମର୍ଥ୍ୟ ଏବଂ ପ୍ରଦର୍ଶନ ଆବଶ୍ୟକ। ଯୀଶୁ କଦାପି କହି ନାହାଁନ୍ତି, "ସମସ୍ତ ଜଗତକୁ ଯାଅ ଏବଂ—ଏବଂ ଶିକ୍ଷା ଦିଅ।" ସେ କଦାପି କହି ନାହାଁନ୍ତି, "ସମସ୍ତ ଜଗତକୁ ଯାଅ ଏବଂ କର..." ସେ କହିଲେ, "ସମସ୍ତ ଜଗତକୁ ଯାଅ ଏବଂ ସୁସମାଚାର ପ୍ରଚାର କର।" ଏବଂ ସୁସମାଚାର ହେଉଛି ପବିତ୍ରଆତ୍ମାଙ୍କର ସାମର୍ଥ୍ୟକୁ, ପୁନରୁତ୍‌ଥାନକୁ ପ୍ରଦର୍ଶନ କରିବା। ଆମେମାନେ ଯେଉଁଠାରେ ରହିବା ଉଚିତ୍ ତାହାଠାରୁ ଆମେ ଏପର୍ଯ୍ୟନ୍ତ ଏକ ମିଲିୟନ୍ ମାଇଲ୍ ବାଟ ଦୂରରେ ଅଛୁ। ଆସନ୍ତୁ ଆମେମାନେ ଆଗକୁ ବଢ଼ିବା। ଆସନ୍ତୁ

ଆମେମାନେ ସେଠାକୁ ଫେରିବା ଯେଉଁଠାରେ ପେଣ୍ଟିକଷ୍ଟ ପର୍ବରେ ଆମେମାନେ ତାହାଙ୍କୁ ଛାଡ଼ିଥିଲୁ।

78 ଯୀଶୁ କହିଲେ, ଯୋହନରେ, ମୁଁ ବିଶ୍ୱାସ କରେ, 15ଶ ପର୍ବରେ, ସେ କହିଲେ, "ମୁଁ ଦ୍ରାକ୍ଷାଲତା; ତୁମେମାନେ ଶାଖା।" ତେବେ ତାହାହେଲେ, ଯଦି ସେହି ଦ୍ରାକ୍ଷାଲତା ପ୍ରଥମ ଶାଖା ବାହାର କଲା, ଏବଂ ସେହି ଶାଖାରୁ ଏକ ପ୍ରେରିତ କ୍ରିୟାର ପୁସ୍ତକ ଲେଖା ହେଲା, ତେବେ ଦ୍ୱିତୀୟ ଶାଖା ଅନ୍ୟ ଏକ ପ୍ରେରିତ କ୍ରିୟାର ପୁସ୍ତକ ପ୍ରସ୍ତୁତ କରିବ। ତୃତୀୟ ଶାଖା ଆଉ ଏକ ପ୍ରେରିତ କ୍ରିୟାର ପୁସ୍ତକ ପ୍ରସ୍ତୁତ କରିବ। ଏବଂ ସେହି ଦ୍ରାକ୍ଷାଲତାରୁ ବାହାରୁଥିବା ପ୍ରତ୍ୟେକଟି ଶାଖା ସେହି ପ୍ରଥମ ଶାଖା ପରି ହିଁ ସମାନ ହେବ।

79 ତେବେ, ଆପଣ କଲମ କରିପାରନ୍ତି, ଆମେ ତାହା ଜାଣୁ। ମୁଁ ଏକ କମଳା ଲେମ୍ବୁ ଗଛ ଦେଖିଅଛି ଯେଉଁଥିରେକି ପ୍ରାୟଃ ଆଠଟି ଭିନ୍ନ ପ୍ରକାରର ଫଳ ଲାଗିଥିଲା। ମୁଁ ଏକ କମଳା ଗଛ ଦେଖିଅଛି ଯେଉଁଥିରେକି ଅଙ୍ଗୁରଫଳ, ଲେମ୍ବୁ, ଓ ସମସ୍ତ କିଛି ଫଳ ଫଳିଥିଲା, ମାତ୍ର ସେଗୁଡ଼ିକ ସେଥିରେ ଖଞ୍ଜା ଯାଇଥିଲା।

80 ଆଜି ତାହାହିଁ ମାମଲା ଅଟେ। ଆମେମାନେ ଆମର ଚିନ୍ତାଧାରାଗୁଡ଼ିକୁ ଖଞ୍ଜି ଦେଇଛୁ, ଆମର ନାମଧାରୀ ସଂସ୍ଥାଗୁଡ଼ିକରେ ଖଞ୍ଜି ଦେଇଛୁ, ମାତ୍ର ଯଦି ସେହି ଗଛ କେବେ ନିଜେ, ଅନ୍ୟ ଏକ ଫଳ ଦ୍ରାକ୍ଷାଲତା ଉତ୍ପନ୍ନ କରେ, ତେବେ ତାହା ସେହି ମୂଳ ଗଛ ପରି ହିଁ ହେବ ଯାହାକି ଭିତରକୁ ଯାଇଅଛି। ହାଲ୍ଲେଲୁୟା! ଓଃ, ମଣ୍ଡଳୀ ଏକାଠି ମିଶ୍ରିତ ହୋଇଯିବ, ମାତ୍ର ଆମେ ତ ସେହି ମୂଳର ସାମର୍ଥ ଆବଶ୍ୟକ କରୁ। ଆମେ ତ ପବିତ୍ରଆତ୍ମା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍‌ଥାନର ଶକ୍ତି ଆବଶ୍ୟକ କରୁ। ତାହାହିଁ ଅଟେ ଯାହା ସେ ଆମକୁ କରିବା ପାଇଁ କହିଥିଲେ।

81 "ମୁଁ ଦ୍ରାକ୍ଷାଲତା, ତୁମେମାନେ ଶାଖା।" ଯଦି ଗୋଟିଏ ଦ୍ରାକ୍ଷାଲତା ଏକ ଡ଼ାଳ ଉତ୍ପନ୍ନ କରେ, ଏବଂ ତାହା ସୁନ୍ଦର ନୀଳ ରଙ୍ଗର ଅଙ୍ଗୁରଗୁଡ଼ିକ ଉତ୍ପନ୍ନ କରେ, ତେବେ ପରବର୍ତ୍ତୀ ଦ୍ରାକ୍ଷାଲତା ଯାହା ସେ ବାହାରେ କରିବ ସେଥିରେ ସୁନ୍ଦର ନୀଳ ରଙ୍ଗର ଅଙ୍ଗୁର ହିଁ ରହିଥିବ। ଯଦି ପ୍ରଥମ ଦ୍ରାକ୍ଷାଲତା ଆସିଲା, ଏବଂ ସେମାନେ ପବିତ୍ରଆତ୍ମାଙ୍କ ପ୍ରଭାବରେ ଆସିଲେ, ଆଉ ସେମାନେ ମହାନ୍ ଚମତ୍କାରମାନ କଲେ, ଏବଂ ଚିହ୍ନମାନ କଲେ, ଓ ସେମାନଙ୍କର ସାକ୍ଷ୍ୟକୁ ଏକ ଜଗତ ପ୍ରତି ମୁଦ୍ରାଙ୍କିତ କଲେ...ଏପରିକି ସେମାନଙ୍କ ମଧ୍ୟରୁ ଅନେକେ ନିଜର ସାକ୍ଷ୍ୟ ଦ୍ୱାରା, ସେମାନେ, ନିଜର ରକ୍ତ ଦ୍ୱାରା, ସେମାନେ ସେମାନଙ୍କର ସାକ୍ଷ୍ୟକୁ ମୁଦ୍ରାଙ୍କିତ କଲେ। ସେମାନେ ସୁସମାଚାରକୁ ନେଇକି ଆସିବା ପାଇଁ ସମସ୍ତ ପ୍ରକାରର ବିପଦମାନ ଏବଂ ସବୁକିଛି ଦେଇ ଗଲେ। ସେମାନେ କଷ୍ଟ ପାଇଲେ; ସେମାନେ ମାଡ଼ ଖାଇଲେ; ସେମାନଙ୍କୁ ଦଣ୍ଡ ଦିଆଗଲା। "କଅଣ ଆମେ ନିଶ୍ଚିତ ଭାବରେ ଏକ କୋମଳ ଫୁଲର ଶଯ୍ୟାରେ, ସ୍ୱର୍ଗକୁ ନିଆଯିବା, ଯେତେବେଳେକି ଅନ୍ୟମାନେ ପୁରସ୍କାର ପାଇବା ପାଇଁ ସଂଗ୍ରାମ କରିଥିଲେ, ଏବଂ ରକ୍ତାକ୍ତ ସମୁଦ୍ର ଦେଇ ଯାତ୍ରା କରିଥିଲେ?" ଆମେ କଅଣ କରିବାକୁ ଆଶା କରୁ? "ଯଦି

ମୋତେ ରାଜତ୍ୱ କରିବାକୁ ଅଛି ତେବେ ମୋତେ ନିଶ୍ଚିତରେ ଯୁଦ୍ଧ କରିବାକୁ ଅଛି । ହେ ପ୍ରଭୁ, ମୋହର ସାହସକୁ ବଢ଼ାଅ ।" ସୁନିଶ୍ଚିତ ଭାବରେ । ଆମେ ଏକ ପ୍ରୟୋଜନ କରୁ...

82 ଆମକୁ ଏକ ନୂତନ ନାମଧାରୀ ସଂସ୍ଥାର ପ୍ରୟୋଜନ ନାହିଁ । ଆମକୁ ଏକ ନୂତନ ଗୀର୍ଜାଘର ପ୍ରୟୋଜନ ନାହିଁ । ଆଜି ଆମକୁ ଯାହା ଦରକାର ତାହା ହେଉଛି ଏକ ପୁରୁଣା-କାଳିଆ ବାରୀପଟ, ଆକାଶ-ନୀଳ, ପାପ-ହତ୍ୟାକାରୀ ପେଣ୍ଟିକଷ୍ଟାଲ୍ ଉଦ୍ଦୀପନା, ଯାହାକି ପେଣ୍ଟିକଷ୍ଟରେ ଜନ୍ମ ନେଇଥିଲା ଏବଂ ପୁନର୍ବାର ମଣ୍ଡଳୀକୁ ଫେରିଅଛି, ଯୀଶୁଙ୍କୁ ଦୃଶ୍ୟରେ ଆଣିବା ପାଇଁ, ପୁନର୍ବାର ପବିତ୍ରଆତ୍ମାଙ୍କର ଶକ୍ତି ଫେରିଅଛି ।

83 ଇତିହାସର ପରମେଶ୍ୱର ସବୁବେଳେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଦୃଶ୍ୟରେ ଉଠି ଆସନ୍ତି । ଆମକୁ ଏହା ଦରକାର ଅଟେ । ତାହାହିଁ ତ ଆଜି ଆମ ମଣ୍ଡଳୀ ସହିତରେ ମାମଲା ଅଟେ । ଆମେ ବହୁତ ଅଧିକ ପଛକୁ ଚାଲି ଯାଉଅଛୁ । ଆମେ ଜଗତର ଚାକଚକ୍ୟତାରେ ପଡ଼ି ଯାଉଅଛୁ । ପୁଣି ଧୀରେ ଧୀରେ, ବର୍ଷକୁ ବର୍ଷ, ଏହା ଅଳ୍ପ ଟିକିଏ ମରିବାକୁ ଲାଗେ ଏବଂ ଶୁଖିବାକୁ ଲାଗେ ।

84 ଏହା ଖୁବ୍ ଶୀଘ୍ର ଛେଦନର ସମୟ ଉପସ୍ଥିତ ଅଟେ । ପରମେଶ୍ୱର ଏହାକୁ ସେତିକି ସୁନିଶ୍ଚିତ ଭାବେ କାଟିବେ ଯେତିକି ସୁନିଶ୍ଚିତ ମୁଁ ଏହି ମଞ୍ଚ ଉପରେ ଛିଡ଼ା ହୋଇଅଛି । ପରମେଶ୍ୱର ତାକୁ ଫଳ ଧାରଣ କରାଇବା ଉଦ୍ଦେଶ୍ୟରେ ତାକୁ କାଟି ପକାଇବେ । ସେ ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନରେ ସେଥିରୁ ଜଗତର କାର୍ଯ୍ୟଗୁଡ଼ିକୁ କାଟି ପକାଇବେ । ଏପରି ଏକ ଲଜ୍ଜାଜନକ ବିଷୟ, ଯେପରି ଭାବରେ ମଣ୍ଡଳୀ ଧର୍ମ ନାମରେ କାର୍ଯ୍ୟ କରି ଚାଲିଛି ।

85 ଏବଂ ଆମେମାନେ ପାଉ, ଯେତେବେଳେ ଯୀଶୁ ଛାଡ଼ି ଚାଲିଗଲେ, ମୃତ୍ୟୁ ପ୍ରବେଶ କଲା । ଯେତେବେଳେ ଯୀଶୁ ଆମ ମଣ୍ଡଳୀକୁ ଛାଡ଼ି ଚାଲିଯାଆନ୍ତି, ପବିତ୍ରଆତ୍ମାଙ୍କର ଶକ୍ତି ଆମ ମଣ୍ଡଳୀକୁ ଛାଡ଼ି ଚାଲିଯାଏ, ଏହା ଦୁର୍ବଳ ହେବାର ଆରମ୍ଭ ହୁଏ ଓ—ଓ ମରିଯାଏ । ଏବଂ କିଛି ସମୟ ପରେ ସେଥିରେ ଆଉ କିଛି ହିଁ ନ ଥାଏ । ତେବେ, ଯେତେବେଳେ ଯୀଶୁ ଛାଡ଼ି ଚାଲିଗଲେ, ମୃତ୍ୟୁ ପ୍ରବେଶ କଲା । ଓଃ, ତାହା କେଡ଼େ ଏକ ଦୁଃଖଦ ସମୟ ଥିଲା ।

86 ଆଉ ଧ୍ୟାନ ଦିଅନ୍ତୁ, ସେମାନେ ସର୍ବତ୍ର ଏଣେ ତେଣେ ଆଶ୍ଚର୍ଯ୍ୟ ହେଲେ, ଆଉ ସେମାନେ ଯୀଶୁଙ୍କ ପାଇଁ ଡାକ ପଠାଇଲେ, ମାତ୍ର ସେ ଆସିଲେ ନାହିଁ । ସେମାନେ ପୁନର୍ବାର ତାହାଙ୍କୁ ଡାକ ପଠାଇଲେ, ଆଉ ସେ ଆସିଲେ ନାହିଁ, ମାତ୍ର ସେ ଜାଣିଥିଲେ ଯେ ସେ କଅଣ କରିବାକୁ ଯାଉଥିଲେ । ସେ ଆଜିରାତ୍ରି ଜାଣିଛନ୍ତି, ଯେ ସେ କଅଣ କରିବାକୁ ଯାଉଛନ୍ତି । ଏହା ତାହାଙ୍କ ସହିତ ହଜି ଯାଇନାହିଁ: ସେ ଅବିକଳ ଭାବରେ ଜାଣନ୍ତି ଯେ କଅଣ କରିବାକୁ ସ୍ଥିର କରୁଛନ୍ତି । ସେ ଏକ ଗୋଷ୍ଠୀୟ ଲୋକଙ୍କୁ ଉଠାଇବାକୁ ଯାଉଛନ୍ତି, ଠିକ୍ ସେତିକି ସୁନିଶ୍ଚିତ ଭାବରେ ଯେତିକି ମୁଁ ଏହି ମଞ୍ଚରେ ଛିଡ଼ା ହୋଇଅଛି । ସେ ଆପଣା ନାମ ନିମନ୍ତେ ବିଜାତି ପୀଢୀରୁ ଏକ ଗୋଷ୍ଠୀଙ୍କୁ ଉଠାଇବେ । ସେ ତାହା କରିବେ ।

87 ଏହା ବର୍ତ୍ତମାନ ଯିହୁଦୀମାନଙ୍କର ସମୟ ସନ୍ନିକଟ ଅଟେ, ଏବଂ ବିଜାତିମାନଙ୍କର ସମୟ ସମାପ୍ତ ହେଉଅଛି, କାରଣ ସେମାନେ ବର୍ତ୍ତମାନ ହିଁ ବାହାରକୁ ବାହାରି ଯାଇଛନ୍ତି। ସେମାନେ ଖ୍ରୀଷ୍ଟଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି; ସେମାନେ ସେମାନଙ୍କର ଚିହ୍ନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଛନ୍ତି; ସେମାନେ ଈଶ୍ୱରୀୟ ବୋଲି କୁହାଯାଉଥିବା ସମସ୍ତ କିଛି ବିଷୟକୁ ପ୍ରତ୍ୟାଖ୍ୟାନ କରୁଛନ୍ତି, ଏବଂ ତାହାକୁ ଏକ ପ୍ରକାର ମନର କଥା ଜାଣିବା କିମ୍ଵା ଶୟତାନର ଶକ୍ତି ଭାବରେ ନାମିତ କରନ୍ତି ଓ ଏପରି କରନ୍ତି...ସେମାନେ ପବିତ୍ରଆତ୍ମାଙ୍କୁ ନିନ୍ଦା କରୁଛନ୍ତି ଏବଂ ଆପଣାକୁ ପରମେଶ୍ୱରଙ୍କଠାରୁ ଅନ୍ୟତ୍ର ମୁଦ୍ରାଙ୍କିତ କରୁଛନ୍ତି। ଆଉ ପରମେଶ୍ୱର ସେହି ସଂଖ୍ୟାଲଘୁଙ୍କୁ, କିଛି ସମୟ ପରେ ନେବେ, ଏବଂ ଏହାକୁ ଏକ ଶକ୍ତିଶାଳୀ ମଣ୍ଡଳୀ ରୂପେ ଉତ୍‌ଥାପିତ କରିବେ, ଓ ତାହାପରେ ଆତ୍ମାଙ୍କୁ ଯିହୁଦୀମାନଙ୍କ ନିକଟକୁ ଫେରାଇ ଦେବେ, ଏବଂ ବିଜାତି ମଣ୍ଡଳୀକୁ ଘରକୁ ନେଇଯିବେ। ଅବିକଳ ଭାବେ ଠିକ୍। ସେ ବର୍ତ୍ତମାନ ପ୍ରସ୍ତୁତି କରାଯାଉଅଛି। ତେବେ, ଆମେମାନେ ପ୍ରାୟଃ, ଶେଷ ସମୟରେ ଅଛୁ।

88 ଯୀଶୁ, ସେ ଜାଣିଥିଲେ। ଆଉ କିଛି ସମୟ ପରେ ସେ କହିଲେ, "ଆମର ବନ୍ଧୁ ଲାଜାର ନିଦ୍ରା ଯାଇଛନ୍ତି।"

89 କାହିଁକି, ଶିଷ୍ୟମାନେ ଭାବିଥିଲେ ଯେ ସେ ଅଳ୍ପ ଟିକିଏ ବିଶ୍ରାମ ନେଉଛନ୍ତି। ସେ କହିଲେ, "ହଁ, ଯଦି ସେ ନିଦ୍ରା ଯାଇଛନ୍ତି, ତେବେ ସେ ବହୁତ ଭଲ କରୁଛନ୍ତି।"

90 ହଁ, ସେ ନିଜର ଶବ୍ଦରେ...ସେମାନଙ୍କର ଶବ୍ଦରେ କହିଥିଲେ, ଯେପରିକି ସେମାନେ ବୁଝିବେ, କହିଲେ, "ସେ ମରିଛନ୍ତି, ଏବଂ ତୁମମାନଙ୍କ ସକାଶୁ ମୁଁ ଆନନ୍ଦିତ ଯେ ମୁଁ ସେଠାରେ ନ ଥିଲି।" ବୁଝିଲେ? "ତୁମମାନଙ୍କ ସକାଶୁ, ମୁଁ ଆନନ୍ଦିତ ଯେ ମୁଁ ସେଠାରେ ନ ଥିଲି।" କାରଣ ସେମାନେ ତାହାଙ୍କୁ—ସୁସ୍ଥ କରିବାକୁ—ତାକୁ ସୁସ୍ଥ କରିବାକୁ କହିଥାଆନ୍ତେ, ମାତ୍ର ସେ ଜାଣିଥିଲେ ଯେ ସେ ତାହା କରିପାରିବେ ନାହିଁ, କାରଣ ଦର୍ଶନ ଏପର୍ଯ୍ୟନ୍ତ ରହିଥିଲା... ସେହି ଚାରି ଦିନ ପରେ ସେ ଜାଣିଥିଲେ ଯେ ତାହା ସେହି ସମୟ ଥିଲା ଯାହାକି ପିତା ତାହାଙ୍କୁ କହିଥିଲେ। କେତେ ସୁନ୍ଦର; ସେ ସମାଧି ପାଖରେ କହିଲେ, "ପିତା, ମୁଁ ତୁମକୁ ଧନ୍ୟବାଦ ଦେଉଛି, ତୁମେ ଆଗରୁ ଶୁଣିଅଛ, ମାତ୍ର ମୁଁ କେବଳ ଏହା ସେମାନଙ୍କ ପାଇଁ କହୁଅଛି ଯେଉଁମାନେକି ପାଖରେ ଛିଡ଼ା ହୋଇଛନ୍ତି।" ବୁଝିଲେ? ସେ ତାହା ପୂର୍ବରୁ ଜାଣିଥିଲେ ଯେ ସେ କଅଣ କରିବାକୁ ଯାଉଛନ୍ତି। ସେ କହିଲେ, "ମୁଁ ଯାଇ ତାଙ୍କୁ ନିଦ୍ରାରୁ ଜାଗ୍ରତ କରିବି।"

91 ତେବେ, ମୁଁ କଳ୍ପନା କରିପାରେ ଯେ ସେହି ଛୋଟ ଘରଟି ବାସ୍ତବରେ ଭାଙ୍ଗି ଯାଇଥିଲା। ଅନ୍ନଦାତା ଚାଲି ଯାଇଥିଲେ, ଦୁଃଖ ମାଡ଼ି ଆସିଥିଲା। ଓଃ, ଏହା କେତେ ଅଦ୍ଭୁତ ଅଟେ ଯେତେବେଳେ ଆପଣ ଏକ ଦୁଃଖୀ ଘର କିମ୍ଵା ଏକ ଦୁଃଖୀ ହୃଦୟ ପାଇଥାଆନ୍ତି, ଆଉ ତାହାପରେ ଯୀଶୁ ହଠାତ୍ ଦୃଶ୍ୟମାନ ହୁଅନ୍ତି, କଅଣ ତାହା ନୁହେଁ କି? ମୁଁ କଳ୍ପନା କରି ମାର୍ଥାକୁ ଦେଖିପାରୁଛି, ଜଣେ ସୁନ୍ଦର ସାନ ମହିଳା ଯାହାଙ୍କ ମୁଖମଣ୍ଡଳ ଉପରେ ଏକ କଳା ଓଢ଼ଣା ଅଛି, ଏବଂ ସାନ ମରିୟମ, ଆଉ ସେମାନେ ପରସ୍ପର ଜଣେ ଅନ୍ୟକୁ ଧରିଛନ୍ତି, କହୁଛନ୍ତି,

"ଆମେ କଅଣ କରିବା? ବାପା ଓ ମାଆ ଚାଲି ଯାଇଛନ୍ତି, ଏବଂ ଆମର ମୂଲ୍ୟବାନ ଭାଇ... ତେବେ, ଆମେ ମଣ୍ଡଳୀ ଛାଡ଼ି ଦେଇଅଛୁ, ଏବଂ ଆମେ ସେଠାରୁ ବହିଷ୍କୃତ କରାଯାଇଅଛୁ, ଓ ନାଜରିତୀୟ ଯୀଶୁଙ୍କୁ ଅନୁସରଣ କରିବା ନିମନ୍ତେ ବାହାରି ଆସିଅଛୁ । ଆଉ ସେ କୌଣସି ସ୍ଥାନକୁ ଚାଲି ଯାଇଛନ୍ତି, ଓ ଆମମାନଙ୍କୁ ଛାଡ଼ି ଯାଇଛନ୍ତି ।"

92 ମୁଁ ଶୁଣିପାରୁଛି ଯେ ଜଣେ ସମାଲୋଚକ ଆସିଲା ଓ କହିଲା, "ହେ, ସେହି ଦିବ୍ୟ ଆରୋଗ୍ୟକାରୀ, ଗାଲିଲୀର ସେହି ଭବିଷ୍ୟଦ୍‌ବକ୍ତା କେଉଁଠାରେ ଅଛି? ସେ ବର୍ତ୍ତମାନ କେଉଁଠାରେ ଅଛି? ଦେଖନ୍ତୁ, ଯେତେବେଳେ ପ୍ରକୃତରେ ତାହା ପାଇଁ କିଛି କରିବାର ସମୟ ଆସିଲା, ସେ ଚାଲି ଯାଇଅଛି ।" ତାହା ସେଠାରେ ଅଟେ । ଦେଖନ୍ତୁ, ପରମେଶ୍ୱର ତାହା କରିବାକୁ କେବଳ ଭଲ ପାଆନ୍ତି, ଲୋକମାନଙ୍କୁ ତାହା କେବଳ କରିବା ପାଇଁ ଦିଅନ୍ତି, କେବଳ, ଲୋକମାନଙ୍କୁ ତାହା ଦେଖାଇବାକୁ ଦିଅନ୍ତି ଯେ ସେମାନେ କଅଣ ଅଟନ୍ତି, ହଁ, ସେମାନେ ପ୍ରକୃତରେ କଅଣ ଅଟନ୍ତି ତାହା ଦେଖିବା ପାଇଁ କେବଳ ପରୀକ୍ଷା କରନ୍ତି । ସେ ସେମାନଙ୍କୁ ଏକ ଆଶୀର୍ବାଦ ଦିଅନ୍ତି । ସେ ପ୍ରକଟିତ ହୁଅନ୍ତି, ଅପଣାକୁ ଦେଖାନ୍ତି, ଲୋକମାନଙ୍କ ନିକଟରେ ନିଜକୁ ପରିଚିତ କରାନ୍ତି, କେବଳ ଏହା ଦେଖିବା ପାଇଁ ଯେ ସେମାନେ କେଉଁ ପ୍ରକାରର ଏକ ପ୍ରତିକ୍ରିୟା ଦେବେ, କେବଳ ଏହା ଦେଖିବା ପାଇଁ ଯେ ସେମାନେ ଏହି ବିଷୟରେ କଅଣ କରିବେ ।

93 ତେବେ, ଆମେମାନେ ତାହାପରେ ପାଉ, କିଛି—କିଛି ଦିନ ଉତ୍ତାରେ, ଚାରି ଦିନ ଉତ୍ତାରେ, ଗରିବ ଲାଜାର ମରିଗଲା । ସେମାନେ ତାହାଙ୍କୁ କବର ଦେଲେ । ଦ୍ୱିତୀୟ ଦିନ, ତୃତୀୟ ଦିନ, ଚତୁର୍ଥ ଦିନ...ତେବେ, କେହିହେଲେ ଏହା ଜାଣନ୍ତି ଯେ ତିନି ଦିନ ପରେ କ୍ଷୟ ପାଇବା ଆରମ୍ଭ ହୋଇଯାଏ: ସର୍ବପ୍ରଥମେ, ମୁହଁରେ ନାକଟି ଝଡ଼ିଥାଏ । ଏବଂ ତାହାପରେ କ୍ଷୟ ପାଇବା ଆରମ୍ଭ ହୁଏ; ଚର୍ମ ପୋକଗୁଡ଼ିକ ଶରୀରକୁ ଖାଇବା ଆରମ୍ଭ କରିଦିଅନ୍ତି । ସେମାନେ ତାକୁ ଭୂମିରେ ଶୁଆଇ ଦେଇ, ସେହି ଗୁମ୍ଫାର ଉପରେ ଯେଉଁଠାରେ ସେମାନେ ତାଙ୍କୁ ରଖିଥିଲେ ଏକ ବଡ଼ ପଥର ଥୋଇଦେଲେ । ଏବଂ ପ୍ରତ୍ୟେକ ଥର ବେଳକୁ ବେଳ, ସେହି ଯୁବା ଝିଅମାନେ ବାହାରି ଆସି ସେହି କବର ନିକଟରେ ଆଣ୍ଠୁମାଡ଼ି କାନ୍ଦୁଥିଲେ ।

94 ଏବଂ କିଛି ସମୟ ପରେ, ଚାରିଆଡ଼େ ଏହି ଖବର ବ୍ୟାପୀଗଲା, "ଯୀଶୁ ଆସିଛନ୍ତି । ଆମେମାନେ ତାହାଙ୍କୁ ନଗରରେ ପ୍ରବେଶ କରୁଥିବାର ଦେଖିଅଛୁ ।" ଓଃ, ସେହି ସାନ ମାର୍ଥା, ଯିଏକି ଏପରି ଥିଲା, ଏପରି ଦେଖାଯାଉଥିଲା, ଯେ ସେହି ବିଷୟରେ ଏତେ ଅନଭିଜ୍ଞ ଥିଲା, ଯେ ସେ ତାହା ସେତେବେଳେ ପ୍ରମାଣ କଲା ଯେ ସେ କେଉଁଥିରେ ଗଢ଼ା ହୋଇଅଛି । ଏଠାରେ ସେ ଆସିଲା । ସେତେବେଳେ ସେ ନିଜର ମାର୍ଗରେ, ଦୌଡ଼ି ଦୌଡ଼ି ଖୋଜି ଆସିଥିଲା । ମୁଁ ମାର୍ଗରେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏହା କହୁଥିବାର ଶୁଣିପାରେ, "ତେବେ, ମୁଁ ଭାବୁଛି ଯେ ତୁମେ ବର୍ତ୍ତମାନ ସନ୍ତୁଷ୍ଟ ଅଟ, ଯେ ତୁମର ଧର୍ମ ମିଥ୍ୟା ଥିଲା ।" ସେ ସେମାନଙ୍କୁ କେବଳ ଅଣଦେଖା କରି ଚାଲିଗଲା, ସମସ୍ତ ସମାଲୋଚକମାନଙ୍କୁ ଅତିକ୍ରମ କରି ଚାଲିଗଲା । ସେ

ଚାଲି ଚାଲି ତଳକୁ ଗଲା ଯେପର୍ଯ୍ୟନ୍ତ ତାହାଙ୍କୁ ଦେଖି ନ ନେଲା, ବୋଧହୁଏ କୌଣସି ରାସ୍ତାର କୋଣରେ ସେ ବସି ରହିଥିଲେ।

95 ତେବେ, ଏପରି ଲାଗୁଥିଲା, ଯେ ସେ ନିଶ୍ଚୟ...ହୋଇପାରେ ତାହାଠାରେ ତାହାଙ୍କୁ କଡ଼ା କଥା କହି ଅପମାନିତ କରିବାର ଏବଂ—ତାହାଙ୍କୁ ମନ୍ଦ ଭାଷାରେ କଥା କହିବାର ଅଧିକାର ରହିଥିଲା। କାହିଁକି, ସେ ତ ଦୌଡ଼ିଯାଇ ଏହା କହିଲା ନାହିଁ, "ହେଇ ଦେଖ, ହେଇ ଦେଖ, ତୁମେ। ତୁମେ ପରା ଜଣେ ଭବିଷ୍ୟଦ୍‌ବକ୍ତା, ପରମେଶ୍ଵରଙ୍କ ଜଣେ ଲୋକ ହେବ। ଯେତେବେଳେ ଆମେ ତୁମକୁ ଡାକିଲୁ ତୁମେ ସେତେବେଳେ କାହିଁକି ଆସିଲ ନାହିଁ? କାହିଁକି, ଆମେ ତ ବର୍ତ୍ତମାନ ନଗରର ହାସ୍ୟାସ୍ପଦ ବିଷୟ ହୋଇଯାଇଛୁ। ଆମେ ତୁମକୁ ଅନୁସରଣ କରିବା ପାଇଁ ନିଜର ମଣ୍ଡଳୀରୁ ବାହାରି ଆସିଲୁ।" ଏପରି ମନେ ହେଉଥିଲା ଯେପରି ତାହାଙ୍କଠାରେ ଏକ ଅଧିକାର ଥିଲା। ମାତ୍ର ଆପଣ ଜାଣନ୍ତି, ଯେପରିକି ମୁଁ ପ୍ରଚାର କରିଥିଲି, *ମେଷଶାବକ ଏବଂ କପୋତ*, ଯେ ଯଦି ଆମେ ଏକ ମେଷଶାବକ ଅଟୁ, ଗୋଟିଏ ମେଷଶାବକ ତାହାର ପାଇଥିବା ପ୍ରତ୍ୟେକ ଅଧିକାରକୁ ତ୍ୟାଗ କରି ଦେଇଥାଏ। ଏହା ଅବିକଳ ଠିକ୍ ଅଟେ। ତାହା ପାଖରେ ପଶମ ଛଡ଼ା ଆଉ କିଛି ନ ଥାଏ, ଏଣୁ ତାହାକୁ ତାହାହିଁ ତ୍ୟାଗ କରିବାକୁ ପଡ଼ିଥାଏ। ଆଉ ଆପଣ ପରମେଶ୍ଵରଙ୍କ ସେବା କରିବା ପାଇଁ ଆପଣଙ୍କ ପାଖରେ ଥିବା ସମସ୍ତ ଅଧିକାରକୁ ତ୍ୟାଗ କରିଥାଆନ୍ତି। ତାହା ଅବିକଳ ଭାବେ ଠିକ୍ ଅଟେ।

96 ମୁଁ ମହିଳାମାନଙ୍କ ବିଷୟରେ କହୁଥିଲି ଯେପ୍ରକାରେ ସେମାନେ ଏହି ଛୋଟ ଛୋଟ ପୁରୁଣା ପୋଷାକଗୁଡ଼ିକୁ ପିନ୍ଧିଥାନ୍ତି, ଆପଣ ଜାଣନ୍ତି, ଆଉ ସେମାନେ କହିଲେ, "ତେବେ, ଆମେ ତ—ଆମେ ଆମେରିକୀୟ ଅଟୁ। ଆମେ ଯାହା ଚାହିଁବୁ ତାହା କରିପାରିବୁ।"

97 ମୁଁ କହିଲି, "ତାହା ଅବିକଳ ଠିକ୍, ମାତ୍ର ଯଦି ଆପଣ ଏକ ମେଷଶାବକ ଅଟନ୍ତି, ତେବେ ଆପଣ ନିଜର ଅଧିକାରଗୁଡ଼ିକୁ ତ୍ୟାଗ କରିଦେବେ।" ଧୂମ୍ରପାନ କରିବା ଏବଂ ସେହିପରି ବିଷୟ କରି ଚାଲିବା, ତାହା ଜଣେ ମହିଳା ହେତୁ କରିବା ପାଇଁ ସବୁଠାରୁ ମନ୍ଦ କାର୍ଯ୍ୟ ଅଟେ। ତାହା ଅବିକଳ ଠିକ୍ ଅଟେ।

98 ଜଣେ ମହିଳା ମୋତେ କହିଲେ, ଅଧିକ ଦିନ ହୋଇନାହିଁ, ମୋ ସହିତ କଥାବାର୍ତ୍ତା କରୁଥିଲେ, କହିଲେ, "ମାତ୍ର, ଭାଇ ବ୍ରାନହାମ୍, ସେମାନେ ଅନ୍ୟ ପ୍ରକାରର ପୋଷାକ ତିଆରି କରନ୍ତି ନାହିଁ।"

99 ମୁଁ କହିଲି, "ମାତ୍ର ସେମାନେ ସିଲାଇ ମେସିନ୍ ତିଆରି କରନ୍ତି ଓ ସାମଗ୍ରୀମାନ ବିକ୍ରି କରନ୍ତି। ତାହା ପାଇଁ ଆଦୌ କୌଣସି ବାହାନା ନାହିଁ।" ତାହା ଅବିକଳ ଠିକ୍ ଅଟେ।

100 ମନେ ରଖନ୍ତୁ, କୌଣସି ଏକ ଦିନ, ଆପଣ ଏଠାରେ ନିଜର ସ୍ଵାମୀଙ୍କ ପାଇଁ ଶୁଦ୍ଧ ହୋଇ ଥାଇପାରନ୍ତି, ମାତ୍ର ଆପଣ ତାହା ପାଇଁ ବ୍ୟଭିଚାର ହେତୁ ଉତ୍ତର ଦେବେ, ଠିକ୍ ଯେତିକି ସୁନିଶ୍ଚିତ ଭାବରେ: "ଯେକେହି ଜଣେ ସ୍ତ୍ରୀଲୋକକୁ ତାହା ସହିତ ବ୍ୟଭିଚାରର ଦୃଷ୍ଟିରେ ଦେଖେ, ସେ ତାହା ସହିତ ନିଜ ହୃଦୟରେ ବ୍ୟଭିଚାର କରି ସାରିଲାଣି।"

101 ଆଜି ପେଣ୍ଟିକଷ୍ଟାଲ୍ ମହିଳାମାନଙ୍କ ସହିତରେ କଅଣ ମାମଲା ଅଟେ, ମୁଁ ତାହା ବିଷୟରେ ଆଶ୍ଚର୍ଯ୍ୟ କରୁଅଛି। କିପରି ଭାବରେ ଆପଣମାନେ ସେହି ପୁରୁଣା ଆଜ୍ଞାକାରୀତାରୁ ଦୂରକୁ ଚାଲି ଯାଇଛନ୍ତି। କିପରି ଭାବରେ ଆପଣଙ୍କର ମାତାମାନେ ଲମ୍ବା କେଶ ରଖୁଥିଲେ, ଆଉ ଆଜି ପେଣ୍ଟିକଷ୍ଟ ମହିଳାମାନେ ଦଳେ ମାର୍ଡ଼ି ଗ୍ରାସଙ୍କ ଭଳି ରଙ୍ଗ ଲେପନ କରନ୍ତି, ଓ ନିଜର କେଶ କାଟନ୍ତି, ଏବଂ ସେହିପରି ପୁରୁଣା ଛୋଟ ଛୋଟ ଅର୍ଦ୍ଧ ଜାମା ପିନ୍ଧନ୍ତି, ଠିକ୍ ଯେପରିକି ଅବଶିଷ୍ଟ ଅନ୍ୟ ସମସ୍ତେ କରନ୍ତି,...ବାହାରକୁ ବାହାରନ୍ତି ଏବଂ ଅପରାହ୍ନରେ ଅଗଣାର ଘାସ କାଟନ୍ତି, ଯେତେବେଳେ ପୁରୁଷମାନେ ସେହି ବାଟ ଦେଇ ଆସୁଥାଆନ୍ତି, ହେ ନାରୀ, କଅଣ ଆପଣ ଅନୁଭବ କରନ୍ତି, ଯେ ଆପଣଙ୍କୁ ସେହି ପୁରୁଷମାନଙ୍କ ସହିତ ବ୍ୟଭିଚାର କରିବା ହେତୁ ଉତ୍ତର ଦେବାକୁ ପଡ଼ିବ? ଆପଣ ନିଜକୁ ସେହି ଉଦ୍ଦେଶ୍ୟରେ ସେମାନଙ୍କ ନିକଟରେ ଉପସ୍ଥାପନ କରନ୍ତି। ଏହା ମଣ୍ଡଳୀ ଏବଂ ଲୋକମାନଙ୍କ ଉପରେ ଏକ ମନ୍ଦ ଆତ୍ମା ଅଟେ, ଆଉ ସେମାନେ ତାହା ଜାଣନ୍ତି ନାହିଁ। ଅନ୍ଧ ଅଟନ୍ତି ଏବଂ ତାହା ଜାଣନ୍ତି ନାହିଁ। ଏହା ସତ୍ୟ ଅଟେ।

102 ବୋଧହୁଏ ଆପଣ ଏହା କହିପାରିବେ ଯେ ମୋହର ସୁସମାଚାର ପ୍ରଚାରକ ଭାବରେ ତାହା କହିବାର ଅଧିକାର ନାହିଁ। ତେବେ, ମୋତେ—ମୋତେ ତ ପବିତ୍ରଆତ୍ମାଙ୍କ ନେତୃତ୍ୱ ଅନୁସରଣ କରିବାକୁ ପଡ଼ିବ; ତାହାହିଁ ସବୁକିଛି ଅଟେ ଯାହାକି ମୁଁ କହିପାରେ। ଆପଣ...ଯଦି ମୁଁ ନ୍ୟାୟ ବିଚାରରେ ଆପଣଙ୍କୁ ଭେଟେ, ତେବେ ମୋତେ ନିଜ ହାତରେ ଆପଣଙ୍କର ରକ୍ତର ଦାୟୀ ହେବାକୁ ପଡ଼ିବ ନାହିଁ। ଶୟତାନ ପରି ଦେଖାଯାଉଥିବା ପ୍ରତ୍ୟେକ ଭୂମିରୁ ଦୂରେଇ ଯାଆନ୍ତୁ। ସେଥିରୁ ଦୂରେଇ ରୁହନ୍ତୁ। ସେଥିରୁ ପଳାଇ ଯାଆନ୍ତୁ। ମୋହର ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ଟେଲିଭିଜନ ତାରକାମାନେ...ଆପଣ ଏଠାରେ, ଏକ ଟେଲିଭିଜନ ତାରକା, ନୁହଁନ୍ତି; ଆପଣ ତ ପରମେଶ୍ୱରଙ୍କ ପୁତ୍ରୀ ଅଟନ୍ତି।

103 ଅନ୍ୟ ଏକ ଦିନ ସକାଳରେ ଜଣେ ପାଳକଙ୍କ ମଣ୍ଡଳୀରେ ପ୍ରଚାର କରୁଥିଲି, ଜଣେ ବୃଦ୍ଧ କ୍ରୀତଦାସଙ୍କ ବିଷୟରେ, ସେହି ସମୟରେ ଯେତେବେଳେ ବହୁ ପୂର୍ବେ ସେମାନେ କ୍ରୀତଦାସମାନଙ୍କର କ୍ରୟ ବିକ୍ରୟ କରୁଥିଲେ। ଆଉ ସେମାନେ ଆସୁଥିଲେ ଓ ନିଲାମରେ ସେମାନଙ୍କୁ କ୍ରୟ କରୁଥିଲେ। ଆଉ ଲୋକମାନେ ଥିଲେ, ସେମାନେ କାନ୍ଦୁଥିଲେ, କ୍ରନ୍ଦନ କରୁଥିଲେ, କାରଣ ସେମାନଙ୍କର ମାତୃଭୂମି; ସେମାନେ ଆଉ କଦାପି ଫେରିକି ଯିବେ ନାହିଁ। ଏବଂ ସେମାନଙ୍କୁ ସେହି କ୍ରୀତଦାସମାନଙ୍କୁ ଚାବୁକ ମାରିବାକୁ ପଡୁଥିଲା। ଏବଂ ସେମାନେ ସେମାନଙ୍କୁ ଏପରି କ୍ରୟ କରୁଥିଲେ ଯେପରିକି ଆପଣ ଏକ ଯାନ ବାହନ କ୍ରୟ କରନ୍ତି, ଯେକୌଣସି ବିଷୟ ଦେଇ, କୌଣସି ମୂଲ୍ୟ ଦେଇ, ଆଉ ସେହି ମଣିଷମାନଙ୍କୁ ବିକ୍ରୟ କରୁଥିଲେ।

104 ଆଉ ଗୋଟିଏ ଦିନ, ଜଣେ କ୍ରେତା ଆସିଲେ, ଜଣେ ଦଲାଲ, ଏକ ବଡ଼ ସଂସ୍ଥା-...ବରଂ ଏକ ବଡ଼ ବୃକ୍ଷରୋପଣ କ୍ଷେତ୍ରକୁ ଆସିଲେ। ଏବଂ ସେ ପଚାରିଲେ, "ଆପଣଙ୍କ ପାଖରେ

କେତୋଟି କ୍ରୀତଦାସ ବିକ୍ରୟ ନିମନ୍ତେ ଅଛନ୍ତି?”

105 କହିଲେ, “ତେବେ, ମୋତେ କେତୋଟି ଅଦଳବଦଳ କରିବାକୁ ଅଛି।” ସେମାନେ ନିଜ ପାଇଁ ସବୁ ବଡ଼ ବଳିଷ୍ଠ ନେବାକୁ ଚେଷ୍ଟା କରୁଥିଲେ। ସେହି ମାତା, ପିତାଙ୍କୁ ନେଉଥିଲେ... ଯଦି ସେହି ପୁରୁଷ ବିବାହ କରିଥିବା ସ୍ତ୍ରୀଲୋକଟି ଅଳ୍ପ ଦୁର୍ବଳ ମହିଳା ଥିଲା, ତେବେ ଏହି ବଡ଼ ହୃଷ୍ଟପୃଷ୍ଟ ପୁରୁଷମାନଙ୍କୁ ନେଇ ଯାଉଥିଲେ ଓ ସେମାନଙ୍କୁ ପ୍ରଜନନ କରୁଥିଲେ...ଘୋଡ଼ା ଓ ପଶୁମାନଙ୍କ ପରି। ତାହା କଦାପି ଠିକ୍ ନୁହେଁ। ପରମେଶ୍ୱର ମନୁଷ୍ୟ ନିର୍ମାଣ କଲେ। ମଣିଷ କ୍ରୀତଦାସ ନିର୍ମାଣ କଲା। ଏହା ଆରମ୍ଭରୁ ହିଁ ଠିକ୍ ନ ଥିଲା, କଦାପି ନୁହେଁ। ପରମେଶ୍ୱର କୌଣସି ମନୁଷ୍ୟ ଦାସ ହେଉ ବୋଲି ଇଚ୍ଛା କରନ୍ତି ନାହିଁ। ନା, ଆଜ୍ଞା। ଆଉ ନୁହେଁ...ଦେଖନ୍ତୁ କଅଣ ଘଟିଲା।

106 ତେବେ ସେହି ସବୁ ମଧ୍ୟରେ, ଏହି ବ୍ୟକ୍ତି ଜଣକ କହିଲେ, “ତେବେ, ମୁଁ ସେମାନଙ୍କ ମଧ୍ୟରୁ କେତେକଙ୍କୁ କିଣିବାକୁ ପସନ୍ଦ କରିବି...” ସେ ସେଠାରେ ଜଣେ ଯୁବା କ୍ରୀତଦାସଙ୍କୁ ଦେଖିଲେ। ସେମାନଙ୍କୁ ତାହାକୁ ଚାବୁକ ମାରିବାକୁ ପଡୁ ନ ଥିଲା। ତାହାର ଚିବୁକ ଉର୍ଦ୍ଧ୍ୱସ୍ଥ ଥିଲା, ମସ୍ତକ ଟେକି ରହିଥିଲା, ଠିକ୍ ଜଣେ ଭଦ୍ର ଲୋକ ପରି, ଏପାଖ ସେପାଖ ଚାଲି ବୁଲୁଥିଲା। ଆଉ ସେହି ଦଲାଲ କହିଲେ, “ମୁଁ ତାହାକୁ କିଣିବାକୁ ଚାହିଁବି।”

107 ସେ ଉତ୍ତର ଦେଲେ, “ମାତ୍ର ସେ ବିକ୍ରୟ ନିମନ୍ତେ ନୁହେଁ।”

108 ସେ ପଚାରିଲେ, “ଆଚ୍ଛା, କାହିଁକି?” ପଚାରିଲେ, “କଅଣ ସେ ମାଲିକ କି?”

109 ସେ ଉତ୍ତର ଦେଲେ, “ନା, ସେ ଜଣେ କ୍ରୀତଦାସ ଅଟେ।”

110 “ତେବେ,” ପଚାରିଲେ, “କାହିଁକି? କଅଣ ଆପଣ ଅନ୍ୟମାନଙ୍କ ତୁଳନାରେ ତାହାକୁ ଅଧିକ ଭଲ ଖାଇବାକୁ ଦିଅନ୍ତି କି?”

111 ସେ ଉତ୍ତର ଦେଲେ, “ନା। ସେ ଅନ୍ୟମାନଙ୍କ ସହିତରେ ମିଶି ସେଠାରେ ରୋଷେଇଶାଳାରେ ଖାଏ। ସେ ଜଣେ କ୍ରୀତଦାସ ଅଟେ।”

112 ପଚାରିଲେ, “ତେବେ କେଉଁ ବିଷୟ ତାହାକୁ ଅନ୍ୟମାନଙ୍କ ତୁଳନାରେ ଏତେ ଅଧିକ ଭିନ୍ନ କରେ?”

113 ଆଉ ସେହି ମାଲିକ ଉତ୍ତର ଦେଇ କହିଲେ, “ମୁଁ ନିଜେ ବହୁତ ଦିନ ପର୍ଯ୍ୟନ୍ତ ତାହା ବିଷୟରେ ଚିନ୍ତା କରିଥିଲି, ମାତ୍ର ଦିନେ ମୁଁ ଜାଣି ପାଇଲି। ସୁଦୂର ତାହାର ମାତୃଭୂମିରେ, ତାହାର ପିତା ସେହି ଜନଜାତିର ରାଜା ଅଟନ୍ତି। ଏବଂ ଯଦିଓ ସେ ଘରୁ ଦୂରରେ ଜଣେ ପରଦେଶୀ ଅଟେ, ତଥାପି ସେ ଜାଣେ ଯେ ସେ ଜଣେ ରାଜାର ପୁତ୍ର ଅଟେ ଏବଂ ସେ ନିଜକୁ ସେହି ଜଣକା ପରି ବ୍ୟବହାର କରେ।” ଯଦି ତାହା...ଯଦି ଜଣେ ଆଫ୍ରିକୀୟ ଜନଜାତିର ଆଦିବାସୀ ଏହା ହୃଦୟଙ୍ଗମ କରିପାରେ ଯେ ତାହାର ପିତା ଜଣେ ରାଜା ଅଟନ୍ତି, ଆଉ ଏଠାରେ ଏକ ବିଦେଶୀ ଦେଶରେ ଜଣେ ପରଦେଶୀ ହୋଇ ସୁଦ୍ଧା ଏହା ଜାଣିପାରେ ଯେ

ସମୁଦ୍ର ପାରିରେ ସେ ଜଣେ ରାଜାଙ୍କର ପୁତ୍ର ଅଟେ, ତାହାହେଲେ ମହିଳା ଏବଂ ପୁରୁଷମାନେ ନିଜକୁ କିପରି ଭାବରେ ବ୍ୟବହାର କରିବା ଉଚିତ୍ ଯେତେବେଳେକି ଆପଣ ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା ଅଟନ୍ତି? ସେହିପରି କାର୍ଯ୍ୟ କରନ୍ତୁ। ନିଶ୍ଚିତ ଭାବରେ। ନିଜକୁ ଉତ୍ତମ ଆଚରଣରେ ରଖନ୍ତୁ; ନିଜକୁ ପରିଷ୍କାର ରଖନ୍ତୁ ଏବଂ ପରମେଶ୍ୱରଙ୍କ ପୁତ୍ର ଓ କନ୍ୟା ପରି ବ୍ୟବହାର କରନ୍ତୁ। ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ, ତାହା କି ଏକ ଅବସ୍ଥା ଅଟେ।

114 ଆମେମାନେ ଏଠାରେ ଅଛୁ। ଓଃ, ସାନ ମାର୍ଥା, ଦୌଡ଼ିକରି ଆସିଲା। ସେ ଏପରି ଦେଖାଯାଉଥିଲା ଯେ ତାହାଠାରେ ତାହାଙ୍କ ବିରୁଦ୍ଧରେ କହିବା ପାଇଁ କିଛି ଏକ—ଏକ ଉପାୟ ଅଛି। "ତୁମେ ମୋହର ଭାଇ ପାଖକୁ କାହିଁକି ଆସିଲ ନାହିଁ? ଦେଖ ଆମେ ତୁମ ପାଇଁ କଅଣ କରିଅଛୁ, ଆଉ ତୁମେ ଆମକୁ ହତୋତ୍ସାହିତ କଲ।" ତେବେ, ଯଦି ସେ ତାହା କହିଥାଆନ୍ତା, କାହାଣୀଟି କେବେହେଲେ ସେହିପରି ଶେଷ ହୋଇ ନ ଥାନ୍ତା ଯେପରି ତାହା ହେଲା। ନା, ଆଜ୍ଞା। ଏହା ତ ତାହା ଅଟେ ଯେ ଆପଣ ପରମେଶ୍ୱରଙ୍କ ଏକ ଦିବ୍ୟ ଉପହାର ନିକଟକୁ କିପରି ଭାବରେ ପହଞ୍ଚନ୍ତି। ଯଦି ପରମେଶ୍ୱର ଏକ ଉପହାର ପଠାନ୍ତି, ତେବେ ଆପଣଙ୍କୁ ତାହା ନିକଟକୁ ଠିକ୍ ଭାବରେ ପହଞ୍ଚିବାକୁ ହେବ। ଯଦି ଆପଣ କେବେହେଲେ ଏଥିରୁ କିଛି ପାଇବାକୁ ଆଶା କରନ୍ତି, ତେବେ ଆପଣଙ୍କୁ ଏହାର ନିକଟକୁ ଠିକ୍ ଭାବରେ ପହଞ୍ଚିବାକୁ ହେବ। ଆଉ ମାର୍ଥା ତାହା ଜାଣିଥିଲା। ବୋଧହୁଏ ସେ ଶୁନେମୀୟ ସ୍ତ୍ରୀଲୋକ ଏବଂ ତାହାର ଶିଶୁ ବିଷୟରେ ପାଠ କରିଥିଲା। ଆଉ ସେ...ଯଦି ସେହି ଶୁନେମୀୟ ସ୍ତ୍ରୀଲୋକ ଏହା ଜାଣିଥିଲା ଯେ ପରମେଶ୍ୱର ଏଲିୟଙ୍କଠାରେ ଥିଲେ, ତେବେ କେତେ ଅଧିକ ସେ ଯୀଶୁଙ୍କଠାରେ ଥିବେ? ନିଶ୍ଚିତରେ।

115 ଏଣୁ, ସେ ସଠିକ୍ ଉପାୟ ଅବଲମ୍ବନ କରି ଉପରକୁ ଗଲା। ସେ ଦୌଡ଼ିଯାଇ ତାହାଙ୍କ ପାଦତଳେ ପଡ଼ିଗଲା। ମୋତେ ତାହା ଭଲ ଲାଗେ! ତାହାଙ୍କ ପାଦତଳେ ପଡ଼ି କହିଲା, "ପ୍ରଭୁ..." ତାହା ହେଉଛି ତାହାଙ୍କର ସଠିକ୍ ଆଖ୍ୟା। ତାହାହିଁ ତ ସେ ଥିଲେ। ସେ ତାହାର ପ୍ରଭୁ ଥିଲେ। "ପ୍ରଭୁ, ତୁମେ ଯଦି ଏଠାରେ ଥାଆନ୍ତ, ମୋହର ଭାଇ ମରି ନ ଥାନ୍ତା।"

116 ଓଃ, ମୋହର ପ୍ରଭୁ! ଓଃ, ମୁଁ ତାହାଙ୍କର ମହାନ ହୃଦୟକୁ ଦେଖି କଳ୍ପନା କରିପାରେ ଯେତେବେଳେ ସେ ସେହି ସୁନ୍ଦର ନାରୀକୁ ଅନାଇଲେ, ତାହାର ଗାଲରୁ ଲୁହ ଝରି ଆସୁଥିଲା। କହିଲା, "ପ୍ରଭୁ, ଯଦି ତୁମେ ଏଠାରେ ଥାଆନ୍ତ, ମୋହର ଭାଇ ମରି ନ ଥାନ୍ତା।" ଧ୍ୟାନ ସହକାରେ ଦେଖନ୍ତୁ ସେ କଅଣ କହିଲା। "ମାତ୍ର ବର୍ତ୍ତମାନ ସୁଦ୍ଧା, ହେ ପ୍ରଭୁ, ଯଦିଓ ସେ ମରିଅଛି, ଯଦ୍ୟପି ଚର୍ମ ପୋକମାନ ତାହାର ଶରୀରରେ ଚଲାବୁଲା କରୁଛନ୍ତି, ତଥାପି ସୁଦ୍ଧା, ହେ ପ୍ରଭୁ, ତୁମେ ଯାହା ପରମେଶ୍ୱରଙ୍କୁ ମାଗିବ, ପରମେଶ୍ୱର ତାହା ତୁମକୁ ପ୍ରଦାନ କରିବେ।"

117 ଓଃ, ତାହାହିଁ ହେଉଛି ରହସ୍ୟ। ଆପଣ କହିପାରନ୍ତି, "ମୁଁ ପ୍ରତ୍ୟେକ ଚିକିତ୍ସାଳୟରେ ପଚରା ଉଚୁରା କରିଛି। ଡାକ୍ତର କହୁଛନ୍ତି ମୁଁ ମରିବାକୁ ଯାଉଅଛି, ମାତ୍ର ତଥାପି ସୁଦ୍ଧା, ହେ

ପ୍ରଭୁ...ମୁଁ ବାତ ରୋଗରେ ସର୍ବସ୍ୱ ଅପଙ୍ଗ ଅଟେ; ମୁଁ ଘୁଞ୍ଚିପାରୁ ନାହିଁ, ମାତ୍ର ବର୍ତ୍ତମାନ ତଥାପି, ହେ ପ୍ରଭୁ..."

118 ସେହି ସାନ ଛୁଆଟିର ଗତକାଲି ରାତିରେ ମୁଣ୍ଡରେ ପାଣି ଜମା ହୋଇ ତାହା ଏତେ ବଡ଼ ଥିଲା । ଏପରି କିଛିହେଲେ ନାହିଁ ଯାହାକି ଆପଣ କରି ପାରିଥାନ୍ତେ । ଏହା ବିସ୍ତାରିତ ହୋଇଥାନ୍ତା ଓ ଏହାର ଛୋଟ ମୁଣ୍ଡକୁ ଫଟାଇ ଦେଇଥାନ୍ତା ଏବଂ ମାରି ଦେଇଥାନ୍ତା, "ମାତ୍ର ବର୍ତ୍ତମାନ ସୁଦ୍ଧା, ହେ ପ୍ରଭୁ..." ସେ ତଥାପି ସେହି ସମାନ ପରମେଶ୍ୱର ଅଟନ୍ତି । ସେ ତଥାପି ସେହି ସମାନ ପ୍ରଭୁ ଅଟନ୍ତି । "ଏପରିକି ବର୍ତ୍ତମାନ ସୁଦ୍ଧା, ହେ ପ୍ରଭୁ..." ଆଉ ସେ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଡାହାଣ ପଟେ ବସି ରହି, ସେହି ବିଷୟଗୁଡ଼ିକ ଉପରେ ମଧ୍ୟସ୍ଥି କରୁଛନ୍ତି ଯାହାକି ଆମେ ଦାବି କରୁ ଯେ ସେ ଆମ ପାଇଁ କରିଛନ୍ତି ।

119 ତେବେ, ମୁଁ ପ୍ରକୃତରେ ଧାର୍ମିକ ଅନୁଭବ କରୁଅଛି । ନିଶ୍ଚିତରେ କରୁଅଛି । ଆପଣ ଯେକୌଣସି ପ୍ରକାରେ ମୋତେ ଏକ ପବିତ୍ର ପାଖଣ୍ଡ ବୋଲି ଡାକିବାକୁ ଯାଉଛନ୍ତି, ଏଣୁ ଆପଣ ମଧ୍ୟ ଆରମ୍ଭ କରିପାରନ୍ତି, ଏବଂ ଏହାକୁ କହି ଦେଇପାରନ୍ତି ।

120 ତେଣୁ, ହଁ, ଆଜ୍ଞା, "ଏପରିକି ବର୍ତ୍ତମାନ, ହେ ପ୍ରଭୁ, ତୁମେ ଯାହା ପରମେଶ୍ୱରଙ୍କୁ ମାଗିବ, ପରମେଶ୍ୱର ତାହା କରିବେ ।"

121 "ମୋ ନାମରେ ପିତାଙ୍କୁ ଯାହାକିଛି ମାଗିବ, ମୁଁ ତାହା କରିବି," ଯୀଶୁ କହିଲେ ।

122 "ଏପରିକି ବର୍ତ୍ତମାନ ସୁଦ୍ଧା, ହେ ପ୍ରଭୁ, ତୁମେ ଯାହା ମାଗିବ, ପରମେଶ୍ୱର ତାହା ତୁମକୁ ପ୍ରଦାନ କରିବେ ।" ଓଃ, ତାହା ନିଶ୍ଚିତରେ ତାହାଙ୍କର ମହାନ ହୃଦୟରେ ବିଚାର ଆନ୍ଦୋଳିତ ହୋଇଥିବ ।

123 ସେ କହିଲେ, "ତୁମ ଭାଇ ପୁନର୍ବାର ବଞ୍ଚି ଉଠିବ ।"

124 ସେ କହିଲା, "ହଁ, ପ୍ରଭୁ । ସେ ବଞ୍ଚି ଉଠିବ । ସେ ଜଣେ ଭଲ ପିଲା ଥିଲା । ଶେଷ ଦିନରେ ସାଧାରଣ ପୁନରୁତ୍‌ଥାନରେ ସେ ଉଠି ଆସିବ ।" ସେହି ଯିହୁଦୀମାନେ ସାଧାରଣ ପୁନରୁତ୍‌ଥାନରେ ବିଶ୍ୱାସ କରୁଥିଲେ । "ଶେଷ ଦିନର ପୁନରୁତ୍‌ଥାନରେ ସେ ଉଠି ଆସିବ ।"

125 ତାହାଙ୍କୁ ଦେଖନ୍ତୁ । ସେ ଆପଣାର ସେହି ଛୋଟ ନିଜସ୍ୱକୁ ଅନ୍ୟତ୍ର କଲେ । ସେ କହିଲେ, "ମୁଁ ପୁନରୁତ୍‌ଥାନ ଏବଂ ଜୀବନ ଅଟେ ।" ଓଃ, ମୋର ପ୍ରଭୁ । ତାହା ପୂର୍ବରୁ ଏପରି କୌଣସି ହେଲେ ମନୁଷ୍ୟ ନ ଥିଲେ ଯିଏକି ତାହା କହି ପାରିଥିଲେ । ତାହା ପରେ ମଧ୍ୟ କେହି ହେଲେ ଏପରି ହେବେ ନାହିଁ, ଯିଏକି ତାହା କହିପାରିବେ । ସେ ହିଁ କେବଳ ଜଣେ ମାତ୍ର ଅଟନ୍ତି ଯିଏକି ଏହା କହିପାରିବେ । "ମୁଁ ପୁନରୁତ୍‌ଥାନ ଏବଂ ଜୀବନ ଅଟେ," ସଦାପ୍ରଭୁ କୁହନ୍ତି । "ଯିଏ ମୋ ଠାରେ ବିଶ୍ୱାସ କରେ, ଯଦିଓ ସେ ମୃତ ଥାଏ, ତଥାପି ସେ ବଞ୍ଚି ଉଠିବ । ଏବଂ ଯେକେହି ଜୀବିତ ଥାଏ ଓ ମୋ ଉପରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ । ଏହା କଅଣ ବିଶ୍ୱାସ କରୁଅଛ?"

126 ସେ କହିଲା, “ହଁ, ପ୍ରଭୁ।” ଓଃ, ସେ ଜାଣିଥିଲା ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି। ଘଟିବାକୁ ହିଁ ଅଛି।

127 ଯେତେବେଳେ ଏକ ସଚ୍ଚୋଟ ହୃଦୟରୁ ବିଶ୍ଵାସ ପରମେଶ୍ୱରଙ୍କୁ ସାକ୍ଷାତ କରିଥାଏ, ସେତେବେଳେ ସେହି ଚକ୍ରଗୁଡ଼ିକ *ସେହିପରି* ଭାବରେ ଏକାଠି ହୋଇଆସେ। କିଛି ଗୋଟାଏ ଘଟିବାକୁ ହିଁ ଅଛି। ମୁଁ ଆଜି ରାତ୍ରି ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ଦର୍ଶକବୃନ୍ଦଙ୍କୁ ଆହ୍ୱାନ କରେ, ହେବାକୁ ଦିଅ ଯେ ତୁମର ବିଶ୍ଵାସ ସେହିପରି ଭାବରେ ପରମେଶ୍ୱରଙ୍କ ସହିତ ଯୋଡ଼ି ହୋଇଯାଉ, ଅଳ୍ପ କିଛି ମିନିଟରେ ଆମର ଆଉ ଏକ ପେଣ୍ଟିକଷ୍ଟ ହୋଇଯିବ। ଏହି ସହରରେ ଏପରି ଏକ ଉଦ୍ଦୀପନାର ଜାଗରଣ ହେବ, ଯେ ସେମାନଙ୍କୁ ଶାନ୍ତ ରଖିବା ହେତୁ ଦେଶରେ ପର୍ଯ୍ୟାପ୍ତ ପୋଲିସ୍ ହିଁ ନିଅଟ ହେବ। ତାହା ଠିକ୍ ଅଟେ। ଏକ ପ୍ରକୃତ ଉଦ୍ଦୀପନା ହେବ। “ଏପରିକି ବର୍ତ୍ତମାନ, ହେ ପ୍ରଭୁ…”

128 “ହଁ, ପ୍ରଭୁ, ଆମେମାନେ *ଏଥିରୁ* ଓହରି ଯାଇଅଛୁ; ଆମେ *ଏହା* କରିଅଛୁ, ଏବଂ *ତାହା* କରିଅଛୁ।” ମୋହର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣ କଅଣ କରିଛନ୍ତି, “ଏପରିକି ବର୍ତ୍ତମାନ, ହେ ପ୍ରଭୁ…” ଆପଣ ଯେ ତାହାଙ୍କୁ ଡାକିବେ ସେ ଏହି ଅପେକ୍ଷାରେ ଅଛନ୍ତି। ସେ… “ଏହା କଅଣ ବିଶ୍ଵାସ କରୁଅଛ?” ନିଶ୍ଚିତରେ। ହଁ, ଆଜ୍ଞା। “ଏପରିକି ବର୍ତ୍ତମାନ, ଆପଣ ତାହାଙ୍କୁ ଯାହାକିଛି ମାଗିବେ…”

129 “ତୁମେ ତାଙ୍କୁ କେଉଁଠାରେ ରଖିଅଛ?” ତେବେ, ସେ ତଳେ ସମାଧିକୁ ଯାଆନ୍ତି। ସେ କାନ୍ଦିବା ହେତୁ ଯଥେଷ୍ଟ ମନୁଷ୍ୟ ଥିଲେ; ସେ ମୃତମାନଙ୍କୁ ପୁନରୁତ୍‌ଥିତ କରିବା ହେତୁ ଯଥେଷ୍ଟ ପରମେଶ୍ୱର ଥିଲେ।

130 ଏଠାରେ କିଛି ସମୟ ପୂର୍ବେ, ଜଣେ ମହିଳା ଯିଏକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅଟନ୍ତି…ମୁଁ ଏହାକୁ ନାମଧାରୀ ବିଷୟରେ କରିବା ପାଇଁ କଦାପି ଏକ ଅଭ୍ୟାସ କରେ ନାହିଁ। ମାତ୍ର ଏହି ମହିଳା…ସେମାନେ ଏହା ବିଶ୍ଵାସ କରନ୍ତି ନାହିଁ ଯେ ଯୀଶୁ ଦିବ୍ୟ ଥିଲେ। ସେମାନେ କହନ୍ତି ଯେ ସେ ତ କେବଳ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ। ତେବେ, ସେ ଥିଲେ…ଯଦି ସେ କେବଳ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ତେବେ ଆମେମାନେ ସମସ୍ତେ ପାପରେ ଅଛୁ। ସେ ଏକ ତ ପରମେଶ୍ୱର ଥିଲେ, ପରମେଶ୍ୱରଙ୍କଠାରୁ କୌଣସି ମତେ କମ୍ ନ ଥିଲେ, କିଅବା ଜଗତରେ ଥିବା ସବୁଠୁ ବଡ଼ ପ୍ରତାରଣାକାରୀ ଥିଲେ। ତାହା ଠିକ୍। ସେ ଜଣେ ମନୁଷ୍ୟଠାରୁ ଅଧିକ ଥିଲେ। ସେହି ମହିଳା କହିଲେ, “ସେ ଦିବ୍ୟ ନ ଥିଲେ।”

131 ଆଜି ଏହି ସାମାଜିକ ସୁସମାଚାରରେ ସେହିପରି ବିଷୟର ବହୁଳତା ଅଛି; ଯୀଶୁ ଖ୍ରୀଷ୍ଟଙ୍କୁ ଜଣେ ଭବିଷ୍ୟଦ୍‌ବକ୍ତା କରିବାକୁ ଚେଷ୍ଟା କରୁଛନ୍ତି। କାହିଁକି, ସେ ତ ଭବିଷ୍ୟଦ୍‌ବକ୍ତାମାନଙ୍କର ପରମେଶ୍ୱର ଥିଲେ। ନିଶ୍ଚିତରେ ସେ ଥିଲେ।

132 ସେହି ମହିଳା କହିଲେ, “ମୁଁ ଆପଣଙ୍କୁ ତାହା ଆପଣଙ୍କର ବାଇବଲ ଦ୍ୱାରା ହିଁ ପ୍ରମାଣ କରିବି, ‘ସେ ତ କେବଳ ଜଣେ ମନୁଷ୍ୟ ଥିଲେ।’”

133 ମୁଁ କହିଲି, “ଆପଣ ତାହା କରନ୍ତୁ ।”

134 ଆଉ ସେହି ମହିଳା କହିଲେ, “ଯେତେବେଳେ ସେ ଲାଜାରଙ୍କ ସମାଧିକୁ ଗଲେ, ବାଇବଲ କହେ, ‘ସେ କାନ୍ଦିଲେ ।’ ତାହାଙ୍କୁ ମରଣଶୀଳ ହେବାକୁ ହିଁ ଥିଲା ନଚେତ ସେ କାନ୍ଦି ପାରି ନ ଥାଆନ୍ତେ ।”

135 ମୁଁ କହିଲି, “ମହିଳା, କଅଣ ଏହାହିଁ ଆପଣଙ୍କର ଶାସ୍ତ୍ର ଅଟେ କି?” ମୋହର ଏଠାରେ ଏହା କହିବା ଦ୍ୱାରା ନିନ୍ଦନୀୟ ହେବାର ଅଭିପ୍ରାୟ ନୁହେଁ, ମାତ୍ର ମୁଁ ଆପଣମାନଙ୍କୁ ତାହା କହିବି ଯାହା ମୁଁ ତାଙ୍କୁ କହିଲି ।

136 ସେହି ମହିଳା କହିଲେ, “ତାହା ଏତିକି ହିଁ ଅଟେ ।”

137 ମୁଁ କହିଲି, “ସେହି ବକ୍ତବ୍ୟଟି ଅନାହାରରେ ମରୁଥିବା ଗୋଟିଏ କୁକୁଡ଼ାର ଛାଇରୁ ତିଆରି ହୋଇଥିବା ଝୋଳଠାରୁ ମଧ୍ୟ ଦୁର୍ବଳ ଅଟେ ।” ମୁଁ କହିଲି, “ତେବେ, ସପକ୍ଷରେ ଛିଡ଼ା ହେବା ପାଇଁ ଆପଣ—ଆପଣଙ୍କ ପାଖରେ ଗୋଟିଏ ସୁଦ୍ଧା ବିଷୟ ନାହିଁ ।”

138 ସେହି ମହିଳା କହିଲେ, “କାହିଁକି, ସେ କାନ୍ଦିଥିଲେ । ତାହା ଏହା ଦର୍ଶାଏ ଯେ ସେ ମରଣଶୀଳ ଥିଲେ ।”

139 ମୁଁ କହିଲି, “ସେ ଉଭୟ ମରଣଶୀଳ ଏବଂ ଅମର ଥିଲେ । ସେ ସଶରୀରରେ ପରମେଶ୍ୱର ଥିଲେ ।”

140 ସେହି ମହିଳା କହିଲେ, “ଓଃ, ନିର୍ବୋଧ ବିଷୟ!”

141 ମୁଁ କହିଲି, “ସେ କାନ୍ଦୁଥିବା ଅବସ୍ଥାରେ ସମାଧିକୁ ଗଲେ । ତାହା ଯଥେଷ୍ଟ ସତ୍ୟ ଅଟେ, ମାତ୍ର ଯେତେବେଳେ ସେ ତାହାଙ୍କର ଛୋଟ ନିଜସ୍ୱକୁ ସଳଖ କଲେ...” ବାଇବଲ କହେ, “ତାହାଙ୍କୁ ଦେଖାଯିବା ଭଳି ଏପରି ବହୁତ କିଛି ନ ଥିଲା; ଏପରି କୌଣସି ସୌନ୍ଦର୍ଯ୍ୟ ନ ଥିଲା ଯେ ଆମେ ତାହାଙ୍କୁ ଇଚ୍ଛା କରୁଥାଆନ୍ତୁ ।” ମାତ୍ର ଯେତେବେଳେ ସେ ସେହି ଛୋଟ କାନ୍ଧଗୁଡ଼ିକୁ ଝାଡ଼ି ଦେଇ କହିଲେ, “ଲାଜାର, ଉଠି ଆସ,” ଆଉ ଏପରି ଜଣେ ବ୍ୟକ୍ତି ଯିଏକି ଚାରି ଦିନ ହେଲା ମରି ଯାଇଥିଲା ଏବଂ କବରରେ କ୍ଷୟପ୍ରାପ୍ତ ହୋଇଥିଲା, ସେ ବାହାରି ଆସିଲା । ତାହା ତ ଜଣେ ମନୁଷ୍ୟଠାରୁ କହିଁ ଅଧିକ ଥିଲା । ମୋତେ ଦେଖାନ୍ତୁ ଯେ କୌଣସି ବ୍ୟକ୍ତି ତାହା କେବେ କରିପାରିବେ । ଏହା କଅଣ ଥିଲା? ଦୁର୍ନୀତି ତାହାର ସ୍ୱାମୀକୁ ଜାଣିଥିଲା । ଜୀବନ ତାହାର ସୃଷ୍ଟିକର୍ତ୍ତାଙ୍କୁ ଜାଣିଥିଲା । କିଛି ଗୋଟାଏ ବିଷୟ ଘଟିବାକୁ ଥିଲା । ସେ କଥା କହିଲେ ଏବଂ ଜଣେ ବ୍ୟକ୍ତି ଯିଏକି ମୃତ ଥିଲା ଏବଂ ଚାରି ଦିନ ହେଲା କବରରେ ପଡ଼ି ରହିଥିଲା, ଜୀବନକୁ ଫେରି ଉଠି ଆସିଲା, ଏବଂ ନିଜ ପାଦରେ ଛିଡ଼ା ହୋଇ, ବଞ୍ଚି ରହିଲା । ହାଲ୍ଲେଲୁୟା! ତାହା ତ ପରମେଶ୍ୱର ନିଜର ପୁତ୍ରଙ୍କଠାରେ ଥିଲେ । ହଁ, ଆଜ୍ଞା । ତାହା ତ ପରମେଶ୍ୱର ଆପଣାକୁ ତାହାଙ୍କ ମାଧ୍ୟମରେ, ପୁତ୍ରଙ୍କ ମାଧ୍ୟମରେ ପରିଚିତ କରାଉଥିଲେ । ତାହା ତ ପରମେଶ୍ୱର କହୁଥିଲେ, ଜଣେ ମନୁଷ୍ୟ ନୁହେଁ ।

142 ସେ ସେତେବେଳେ ଜଣେ ବ୍ୟକ୍ତି ଥିଲେ ଯେତେବେଳେ ସେ ସେହି ଦିନ ସେହି ଗଛର ଆଖପାଖରେ କିଛି ଖାଇବା ପାଇଁ ଖୋଜୁଥିଲେ । ସେ ଜଣେ ମନୁଷ୍ୟ ଥିଲେ । ମାତ୍ର ଯେତେବେଳେ ସେ ପାଞ୍ଚୋଟି ବିସ୍କୁଟ ଏବଂ ଦୁଇଟି ମାଛ ନେଇ ପାଞ୍ଚ ହଜାରକୁ ଖାଇବା ପାଇଁ ଦେଲେ, ତାହା ତ ଜଣେ ମନୁଷ୍ୟଠାରୁ କହିଁ ଅଧିକ ଥିଲେ । ତାହା ତ ପରମେଶ୍ୱର ସେମାନଙ୍କୁ ସେଠାରେ ପ୍ରତିପୋଷଣ କରିଥିଲେ । ସେ ତ ଜଣେ ଭବିଷ୍ୟଦ୍‌ବକ୍ତାଙ୍କଠାରୁ ଅଧିକ, ଜଣେ ମନୁଷ୍ୟଠାରୁ ଅଧିକ ଥିଲେ, ସେ ଜଣେ ପରମେଶ୍ୱର-ମଣିଷ ଥିଲେ । ନିଶ୍ଚିତରେ ।

143 ସେ ସେହି ରାତ୍ରିରେ ସେହି ଛୋଟ ଡଙ୍ଗାର ପଛ ପଟରେ ଶୋଇଥିଲେ, ଆଉ ସମୁଦ୍ର ଗର୍ଜନ କରୁଥିଲା ଏବଂ ସେଠାରେ ସେହି ଶକ୍ତିଶାଳୀ ସମୁଦ୍ରରେ ତାହା ଏକ ବୋତଲ ଠିପି ପରି ଦୋହଲୁଥିଲା, ଯେତେବେଳେ ସମୁଦ୍ରର ଦଶ ହଜାର ଶୟତାନମାନେ ଏହା ଶପଥ କରିଥିଲେ ଯେ ସେମାନେ ସେହି ରାତ୍ରି ତାହାଙ୍କୁ ବୁଡ଼ାଇ ଦେବେ । ସେ ଜଣେ ମନୁଷ୍ୟ ଥିଲେ, ଅସୁସ୍ଥମାନଙ୍କ ପାଇଁ ପ୍ରାର୍ଥନା କରି ଦୁର୍ବଳ ଓ କ୍ଲାନ୍ତ ହୋଇଯାଇଥିଲେ, ସେଠାରେ ପଛରେ ଶୋଇଥିଲେ; ଆଉ ଏପରିକି ପବନ ମଧ୍ୟ ତାହାଙ୍କୁ ବିଚଳିତ କରୁ ନ ଥିଲା । ସେ ଜଣେ ମନୁଷ୍ୟ ଥିଲେ ଯେତେବେଳେ ସେ ଶୋଇଥିଲେ, ମାତ୍ର ଯେତେବେଳେ ସେ ଉଠି ପଡ଼ିଲେ, ଓ ଡଙ୍ଗାର ଅଗରେ ପାଦ ଥୋଇଲେ, ଉପରକୁ ଚାହିଁଲେ, ଓ ଏହା କହିଲେ, "ଶାନ୍ତ, ସ୍ଥିର ହୁଅ," ଆଉ ପବନ ଓ ତରଙ୍ଗ ତାହାଙ୍କର କଥା ମାନିଲେ, ତାହା ଜଣେ ମନୁଷ୍ୟଠାରୁ କହିଁ ଅଧିକ ଥିଲେ । ତାହା ତ ପରମେଶ୍ୱର ମନୁଷ୍ୟ ଭିତରେ ରହି, ଆପଣାକୁ ପରିଚିତ କରାଉଥିଲେ । ତାହା ଠିକ୍ ଅଟେ ।

144 ସେ କ୍ରୁଶ ଉପରେ ରହିଥିବା ବେଳେ ଜଣେ ମନୁଷ୍ୟ ଥିଲେ ଯେତେବେଳେ ସେ ଦୟା ପାଇଁ କାନ୍ଦିଥିଲେ । ଯେତେବେଳେ ସେ କାନ୍ଦି କାନ୍ଦି ଏହା କହିଥିଲେ, "ମୁଁ ତୃଷାର୍ତ୍ତ," ସେ ଜଣେ ମନୁଷ୍ୟ ଥିଲେ । ଯେତେବେଳେ ସେ ମରିଗଲେ, ସେ ଜଣେ ମନୁଷ୍ୟ ଥିଲେ, ମାତ୍ର ଇଷ୍ଟର ସକାଳେ ଯେତେବେଳେ ସେ ମୃତ୍ୟୁ, ନରକ ଏବଂ କବରର ମୁଦ୍ରାଗୁଡ଼ିକୁ ଭାଙ୍ଗିଥିଲେ, ଓ ପୁନର୍ବାର ବଞ୍ଚି ଉଠିଥିଲେ, ସେ ଜଣେ ମନୁଷ୍ୟଠାରୁ କହିଁ ଅଧିକ ଥିଲେ: ଏହା ତ ପରମେଶ୍ୱର ପ୍ରକଟିତ ହୋଇଥିଲେ । ଏଥିରେ କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ କବି କହିଲେ:

> ଜୀବିତ ରହି, ସେ ମୋତେ ପ୍ରେମ କଲେ; ମୃତ ହୋଇ, ସେ ମୋତେ ଉଦ୍ଧାର କଲେ;
> କବରପ୍ରାପ୍ତ ହୋଇ, ସେ ମୋହର ପାପକୁ ବହୁ ଦୂରକୁ ନେଇଗଲେ;
> କବରରୁ ଉଠି, ସେ ସଦାକାଳ ନିମନ୍ତେ ଉନ୍ମୁକ୍ତ ଭାବେ ଧାର୍ମିକ ଗଣନା କଲେ:
> କୌଣସି ଦିନ ସେ ଆସୁଅଛନ୍ତି—ଓଃ, ଗୌରବମୟ ଦିନ!

145 ସେ କହିଲେ, "ଯେହେତୁ ମୁଁ ଜୀବିତ, ତୁମେମାନେ ମଧ୍ୟ ଜୀବିତ ଅଟ । ଏହା କଅଣ ବିଶ୍ୱାସ କରୁଅଛ?" ସେ ଗତକାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି । ଏହା କଅଣ ବିଶ୍ୱାସ

କରୁଅଛ? ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ବର୍ତ୍ତମାନ ଠିକ୍ ଏଠାରେ ଅଛନ୍ତି । ଏହା କଅଣ ବିଶ୍ୱାସ କରୁଅଛ? ମୁଁ ବିଶ୍ୱାସ କରେ ଯେ ସେ ଆମମାନଙ୍କୁ ତାହାଙ୍କର ଉପସ୍ଥିତିରେ ପୂର୍ଣ୍ଣ କରିଦେବେ । ଏହା କଅଣ ବିଶ୍ୱାସ କରୁଅଛ? ମୁଁ ବିଶ୍ୱାସ କରେ ଯେ ପବିତ୍ରଆତ୍ମା ତାହାଙ୍କର ଉପସ୍ଥିତିକୁ ଢ଼ାଳିବାକୁ ଚାହୁଁଛନ୍ତି, ସମସ୍ତ ରୋଗୀମାନଙ୍କୁ ସୁସ୍ଥ କରିବାକୁ ଚାହୁଁଛନ୍ତି, ସେହି ସମସ୍ତ ଲୋକମାନଙ୍କୁ ଯେଉଁମାନେକି ପବିତ୍ରଆତ୍ମା ପ୍ରାପ୍ତ ହୋଇନାହାଁନ୍ତି ପରିପୂର୍ଣ୍ଣ କରିବାକୁ ଚାହୁଁଛନ୍ତି । ଏହା କଅଣ ବିଶ୍ୱାସ କରୁଅଛ? କଅଣ ଆପଣ ନିଜର ସମସ୍ତ ହୃଦୟରେ ବିଶ୍ୱାସ କରୁଛନ୍ତି? ଆସନ୍ତୁ ଆମେମାନେ ନିଜର ପାଦରେ ଛିଡ଼ା ହେବା ଏବଂ ତାହାଙ୍କୁ ପ୍ରଶଂସା କରିବା । ମୁଁ ବିଶ୍ୱାସ କରେ ଯେ ସେ ବର୍ତ୍ତମାନ ଠିକ୍ ଆମମାନଙ୍କ ଉପରେ ଓହ୍ଲାଇ ପଡ଼ିବେ ।

146 ହେ ପ୍ରଭୁ ପରମେଶ୍ୱର, ସ୍ୱର୍ଗ ଓ ପୃଥିବୀର ସୃଷ୍ଟିକର୍ତ୍ତା, ଅନନ୍ତ ଜୀବନର ଲେଖକ, ପ୍ରତ୍ୟେକ ଉତ୍ତମ ଉପହାରର ପ୍ରଦାନକାରୀ, ଆମେ "ଏହା ବିଶ୍ୱାସ କରୁଅଛୁ," ପ୍ରଭୁ । ଆମେ ବିଶ୍ୱାସ କରୁ ଯେ ଏହା ତ ତୁମେ ହିଁ ଏହି ସଭାରେ ଏଠାରେ ଅଛ । ଆମେ ବିଶ୍ୱାସ କରୁ ଯେ ଏହା ତ ତୁମେ ହିଁ ଅଟ ଯିଏକି ଆମର ପ୍ରାଣଗୁଡ଼ିକୁ ଆଶୀର୍ବାଦ କରୁଅଛ । ଆମେ ବିଶ୍ୱାସ କରୁ ଯେ ଏହା ତ ତୁମେ ଅଟ ଯିଏକି ଆମମାନଙ୍କ ଉପରେ ନିଜର ଆତ୍ମାକୁ ଢ଼ାଳୁଅଛ । ଆମେ ବିଶ୍ୱାସ କରୁ ଯେ ତୁମେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟ । ଆମେ ବିଶ୍ୱାସ କରୁ ଯେ ତୁମେ ଚିରଦିନ ପାଇଁ ଜୀବିତ ଅଟ ଓ ଆମର ନାମଗୁଡ଼ିକ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖା ହୋଇଅଛି । ସମସ୍ତ ଆକାଶ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ଆମେ ସବୁଦିନ ପାଇଁ ବଞ୍ଚିବା, କାରଣ ତୁମେ ସବୁଦିନ ପାଇଁ ବଞ୍ଚିଛ । ହେ ପ୍ରଭୁ, ତୁମେ ହିଁ ତାହା ଆମମାନଙ୍କୁ ପ୍ରତିଜ୍ଞା କରିଛ । ଆମେ ଏହାକୁ ଆମର ସମସ୍ତ ହୃଦୟରେ ବିଶ୍ୱାସ କରୁ । ଆମ ଭିତରେ ଥିବା ସମସ୍ତ କିଛି ବିଷୟ, ଆମେ ଏହାକୁ ବିଶ୍ୱାସ କରୁ, ପ୍ରଭୁ । ମୁଁ ତାହାଙ୍କୁ ପ୍ରେମ କରେ, ମୁଁ ତାହାଙ୍କୁ ପ୍ରେମ କରେ ।

147 କଅଣ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି କି? ମୁଁ ବିଶ୍ୱାସ କରେ ଯେ ତାହା ପବିତ୍ରଆତ୍ମା ଅଟନ୍ତି । କିଛି ଗୋଟାଏ ବିଷୟ ଆମ ଉପରେ ପଡୁଅଛି । ଏହା କଅଣ ବିଶ୍ୱାସ କରୁଅଛ? ମୁଁ ବିଶ୍ୱାସ କରେ ଯେ ସେ ବର୍ତ୍ତମାନ ଏଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁସ୍ଥ କରିବାକୁ ଚାହୁଁଛନ୍ତି । ଏହା କଅଣ ବିଶ୍ୱାସ କରୁଅଛ? ତାହାଙ୍କ ପ୍ରତି ନିଜର ହାତ ଉଠାନ୍ତୁ । ନିଜର ପାଦରେ ଛିଡ଼ା ହୁଅନ୍ତୁ । ଏହା କଅଣ ବିଶ୍ୱାସ କରୁଅଛ? ପବିତ୍ରଆତ୍ମା ଏଠାରେ ଅଛନ୍ତି । ଏହାହିଁ ତାହା ଅଟେ! ପିତର କହିଲେ, "ଏହା ହେଉଛି ତାହା ।" ଏହାହିଁ ତାହା ଅଟେ, ସେହି ପବିତ୍ରଆତ୍ମା ।

148 ହେ ସଦାପ୍ରଭୁ, ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତା, ଏହି ଲୋକମାନଙ୍କ ଉପରେ ନିଜର ଶକ୍ତିକୁ, ଓ ନିଜର ଆଶୀର୍ବାଦକୁ ଓ ନିଜର ଉତ୍ତମତାକୁ ପଠାଅ, ଏବଂ ସେମାନଙ୍କର ହୃଦୟଗୁଡ଼ିକୁ ଆଶୀର୍ବାଦ କର, ଏବଂ ସେମାନେ ଏହା ଦେଖନ୍ତୁ ଯେ ମନୁଷ୍ୟପୁତ୍ର ଚିରଦିନ ପାଇଁ ଜୀବିତ ଅଟନ୍ତି । ହେ ପ୍ରଭୁ, ଏହାକୁ ପ୍ରଦାନ କର । ଆମେ ସେମାନଙ୍କୁ ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉପସ୍ଥାପନ କରୁଅଛୁ ।

149 କେହି ଯଦି ପବିତ୍ରଆତ୍ମା ପାଇ ନାହାଁନ୍ତି, ନିଜର ହାତ ଉଠାନ୍ତୁ ଏବଂ ପରମେଶ୍ୱରଙ୍କୁ ପ୍ରଶଂସା କରନ୍ତୁ । ମୁଁ ବିଶ୍ୱାସ କରେ ଯେ ସେ ଆପଣଙ୍କ ଉପରେ ଓହ୍ଲାଇ ଆସିବେ । କେହି ଜଣେ ସେମାନଙ୍କ ଉପରେ ନିଜର ହାତକୁ ରଖନ୍ତୁ । ଏହାହିଁ ସେହି ଘଟିକା ଅଟେ । ଆମେ ଆଉ କାହିଁକି ଅଧିକ ଅପେକ୍ଷା କରିବା? ଏହାହିଁ ହେଉଛି ସେହି ସମୟ । ଏହା ହିଁ ହେଉଛି ପେଣ୍ଟିକଷ୍ଟ ପାଇଁ, ପରମେଶ୍ୱରଙ୍କ ନିକଟକୁ ଫେରିବାର ସମୟ । ପରମେଶ୍ୱରଙ୍କ ସହିତ ସଠିକ୍ ସମ୍ବନ୍ଧ ରଖନ୍ତୁ, ପେଣ୍ଟିକଷ୍ଟ! ଜୀବନ୍ତ ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ନିଜର ହୃଦୟକୁ ଉତ୍ତେଜିତ କରନ୍ତୁ । ହେବାକୁ ଦିଅ ଯେ ତାହାଙ୍କର ଆତ୍ମା ତୁମ ଭିତରକୁ ବିଚରଣ କରି ଆସନ୍ତୁ, ତୁମକୁ ପରିପୂର୍ଣ୍ଣ କରନ୍ତୁ । ସେ ଏଠାରେ ରାତ୍ରି ପରେ ରାତ୍ରି ଅଛନ୍ତି, ରୋଗୀଙ୍କୁ ସୁସ୍ଥ କରିବା ପାଇଁ, ଅନ୍ଧକୁ ଦୃଷ୍ଟିଶକ୍ତି ଦେବା ପାଇଁ, ସେହି ମହାନ ଏବଂ ଶକ୍ତିଶାଳୀ ସାମର୍ଥ ମାଧ୍ୟମରେ ସେ ନିଜକୁ ସଦାସର୍ବଦା ସେହି ସମାନ ବୋଲି ପ୍ରମାଣ କରନ୍ତି । ହାଲ୍ଲେଲୁୟା!

150 ତାହାଙ୍କୁ ପ୍ରଶଂସା କର । ନିଜର ହାତ ଉଠାଅ । ଆପଣ କେଉଁଠାରେ ଅଛନ୍ତି ତାହା ଭୁଲି ଯାଅ; କେବଳ ଏତିକି ଜାଣ ଯେ ଆପଣ ତାହାଙ୍କର ଚାରିପାଖରେ ଅଛନ୍ତି, ଏବଂ ତାହାଙ୍କର ଉତ୍ତମତା, ଆଉ ତାହାଙ୍କର ଗୌରବ, ଓ ତାହାଙ୍କର ଶକ୍ତି, ପୁଣି ତାହାଙ୍କର ଦୟା ଚିରକାଳ ସ୍ଥାୟୀ ଅଟେ । ସେ ଚିରଦିନ ସମାନ ଅଟନ୍ତି । ପ୍ରଭୁଙ୍କର ନାମ ଧନ୍ୟ ହେଉ । ହାଲ୍ଲେଲୁୟା! ଓଃ, ତାହାଙ୍କର ପବିତ୍ର ନାମର ପ୍ରଶଂସା କର ।

151 ଓଃ, ସେ କେଡ଼େ ଅଦ୍ଭୁତ, କେତେ ଶକ୍ତିଶାଳୀ ଅଟନ୍ତି । କେତେ ଲୋକ ଠିକ୍ ବର୍ତ୍ତମାନ ନିଜର ଜୀବନକୁ ପରମେଶ୍ୱରଙ୍କ ନିକଟରେ ସତେଜ ଭାବରେ, ଉତ୍ସର୍ଗ କରିବାକୁ ପସନ୍ଦ କରିବେ? ନିଜର ହାତ ଉଠାନ୍ତୁ । କେତେ ଲୋକ ନିଜର ଜୀବନକୁ ପରମେଶ୍ୱରଙ୍କ ନିକଟରେ ଉତ୍ସର୍ଗ କରିବାକୁ ପସନ୍ଦ କରିବେ? ଏହାହିଁ ତାହା ଅଟେ । ନିଜର ହାତ ଉଠାନ୍ତୁ । ଆସନ୍ତୁ ପେଣ୍ଟିକଷ୍ଟକୁ ଦେଖିବା । ଆସନ୍ତୁ ପରମେଶ୍ୱରଙ୍କ ଲୋକମାନଙ୍କୁ ଦେଖିବା । ମୁଁ ମୋର ହାତକୁ ଉଠାଇବି । "ପ୍ରଭୁ, ମୁଁ ଏଠାରେ ଅଛି । ମୋତେ ପଠାଅ ।" ତାହାପରେ ବେଦିର ଅଙ୍ଗାର କୋଇଲା ସହିତ ଏକ ଦୂତକୁ ନେଇ ପ୍ରଭୁ, ତୁମ ସାମର୍ଥକୁ ଆମ ଉପରକୁ ପଠାଅ । ହେ ପରମପିତା, ପରମେଶ୍ୱର, ତୁମର ଆତ୍ମାର ପରିପୂର୍ଣ୍ଣତାରେ ତାହା ପ୍ରଦାନ କର । ହେ ପ୍ରଭୁ, ଆମର ପ୍ରାର୍ଥନା ଶୁଣ । ଆମର ପ୍ରାର୍ଥନା ଶୁଣ, ଆମେମାନେ ବିଶ୍ୱାସୀ ସନ୍ତାନ ପରି ଛିଡ଼ା ହୋଇଅଛୁ । ତାହାଙ୍କର ନାମର ପ୍ରଶଂସା ହେଉ ।

152 ଓଃ, ମହିମାର ତରଙ୍ଗ ପଡୁଥିବା ପରି, ଓଃ, ଦୟାର ଶିଶିର ବୁନ୍ଦା ସଦୃଶ । ଓଃ, ପରମେଶ୍ୱରଙ୍କର ପ୍ରଶଂସା ହେଉ । ଏହା ହେଉ ଯେ ଆମର ପ୍ରାଣଗୁଡ଼ିକ ଅପେକ୍ଷା କରୁଥାଉ । ଏହା କଅଣ ବିଶ୍ୱାସ କରୁଅଛ? ଏହା କଅଣ ବିଶ୍ୱାସ କରୁଅଛ? ଏହାହିଁ ହେଉଛି ସେହି ପବିତ୍ରଆତ୍ମା ଯିଏକି ଆଗମନ କରନ୍ତି । ଏହାହିଁ ହେଉଛି ସେହି ଅଦୃଶ୍ୟ ଶକ୍ତି ଯାହାକି ଆମକୁ ପରମେଶ୍ୱରଙ୍କ ରାଜ୍ୟ ଭିତରକୁ, ପେଣ୍ଟିକଷ୍ଟର ଆଶୀର୍ବାଦ ଭିତରକୁ କଢ଼ାଇ ନେଇଯାଏ । ଘରକୁ ଫେରି ଆସନ୍ତୁ । ଆପଣଙ୍କର ଘରକୁ ଫେରିବାର ଆଶା କରାଯାଏ । ଆପଣ ମୂଲ୍ୟବାନ

ଲୋକମାନେ ଅଟନ୍ତି । ପରମେଶ୍ୱର ଚାହାଁନ୍ତି ଯେ ଆପଣମାନେ ନିଜକୁ ସମର୍ପିତ କରନ୍ତୁ । ସ୍ତ୍ରୀଲୋକମାନେ, ଆପଣାକୁ ପରିଷ୍କାର କରନ୍ତୁ । ହେ ପୁରୁଷମାନେ, ନିଜକୁ ସଫା କରନ୍ତୁ । ଆସନ୍ତୁ ପରମେଶ୍ୱରଙ୍କ ନିକଟକୁ ଫେରିଯିବା ପାଇଁ ଆରମ୍ଭ କରିବା ଏବଂ ଏକ ବାସ୍ତବିକ ନିର୍ମଳ ହୃଦୟ ସହିତରେ ପରମେଶ୍ୱରଙ୍କୁ ସେବା କରିବା ।

153 ପରମେଶ୍ୱରଙ୍କ ପ୍ରଶଂସା ହେଉ, ପବିତ୍ରଆତ୍ମା ସଭାରେ ବିଚରଣ କରୁଅଛନ୍ତି । କେବଳ ତାହା କରନ୍ତୁ ଯାହା କରିବା ପାଇଁ ଆପଣ ଚାଳନା ଅନୁଭବ କରନ୍ତି । ପବିତ୍ରଆତ୍ମାଙ୍କୁ କେବଳ ନିଜ ଉପରେ ବିଚରଣ କରିବାକୁ ଦିଅନ୍ତୁ । ମୁଁ ଆଉ କିଛି କହିପାରେ ନାହିଁ । ମୁଁ ବର୍ତ୍ତମାନ କଅଣ କହିବି ଜାଣେ ନାହିଁ । ପବିତ୍ରଆତ୍ମା ସର୍ବତ୍ର ଭବନ ଉପରେ ଅଛନ୍ତି । ପ୍ରଭୁଙ୍କର ନାମ ଧନ୍ୟ ହେଉ । ପ୍ରଭୁଙ୍କର ପ୍ରଶଂସା ହେଉ । ଓଃ, ହାଲ୍ଲେଲୁୟା! ହାଲ୍ଲେଲୁୟା! ପ୍ରଭୁଙ୍କର ପ୍ରଶଂସା ହେଉ । ପ୍ରଭୁଙ୍କ ପ୍ରଶଂସା ହେଉ । କେଡ଼େ ଅଦ୍ଭୁତ, କେଡ଼େ ଗୌରବମୟ...ଆପଣଙ୍କର ମୁଖମଣ୍ଡଳରେ ପରମେଶ୍ୱରଙ୍କ ସାଧୁମାନଙ୍କର ପ୍ରଶଂସା କେଡ଼େ ସୁନ୍ଦର, କେଡ଼େ ଅଦ୍ଭୁତ, ଯାହାକି ପବିତ୍ରଆତ୍ମାଙ୍କ ଉପସ୍ଥିତିରେ ଏଠାରେ ବିଚରଣ କରୁଅଛି ଏବଂ ଆମକୁ ତାହାଙ୍କର ମହିମା ଦେଖାଉଅଛି ଏହି ବହୁ ସଂଖ୍ୟକ ଲୋକମାନଙ୍କ ମଧ୍ୟରେ ଏକ ଚିତ୍ତ ଭାବରେ, ତାହାଙ୍କର ନାମକୁ ପ୍ରଶଂସା କରୁଅଛି ।

154 ଠିକ୍ ସେହିଠାରେ ବୁଲି ପଡ଼ନ୍ତୁ ଏବଂ କାହାରି ସହିତ ହାତ ମିଶାନ୍ତୁ, କୁହନ୍ତୁ, "ଭାଇ, ପ୍ରଭୁଙ୍କର ପ୍ରଶଂସା ହେଉ । ଭଉଣୀ, ପ୍ରଭୁଙ୍କର ପ୍ରଶଂସା ହେଉ ।" ଆସନ୍ତୁ ଆମେମାନେ ଠିକ୍ ସେହି ମନୋଭାବରେ ଆସିଯାଉ ଏବଂ ପରମେଶ୍ୱର ଆମକୁ ଉତ୍ତେଜିତ କରନ୍ତୁ । ପ୍ରଭୁଙ୍କର ପ୍ରଶଂସା ହେଉ । ତାହା ଠିକ୍ ଅଟେ । ଆପଣ ସମସ୍ତ ମେଥୋଡିଷ୍ଟ, ଏବଂ ବାପ୍ଟିଷ୍ଟ, ଓ ପ୍ରେସ୍‌ବିଟେରିଆନ୍, ପେଣ୍ଟିକଷ୍ଟାଲ୍, ଏବଂ ସପ୍ତମ ଦିନ ଆଡଭେଣ୍ଟିଷ୍ଟ, ପୁଣି ଆପଣ ଯାହା ବି ଅଟନ୍ତି, ପ୍ରଭୁ ପରମେଶ୍ୱରଙ୍କ ଉପସ୍ଥିତିରେ ଜଣେ ଅନ୍ୟ ସହିତ ପରସ୍ପର ହାତ ମିଶାନ୍ତୁ । ଏହାହିଁ ତାହା ଅଟେ । ଓଃ, ହାଲ୍ଲେଲୁୟା! ହାଲ୍ଲେଲୁୟା! ହାଲ୍ଲେଲୁୟା! ଓଃ, ମୁଁ ବହୁତ ଆନନ୍ଦିତ ଯେ ମୁଁ ସେମାନଙ୍କ ମଧ୍ୟରୁ ଜଣେ ଅଟେ । ମୁଁ ବହୁତ ଆନନ୍ଦିତ ଅଟେ । ଓଃ, କାନ୍ଥଗୁଡ଼ିକ ଭାଙ୍ଗି ଯାଉଅଛି, ଅଦରକାରୀ ବିଷୟଗୁଡ଼ିକ ବାହାରି ଯାଉଅଛି । ମହିମା ହେଉ! ତାହାଙ୍କର ପବିତ୍ର ନାମକୁ ପ୍ରଶଂସା କରି, ପ୍ରଭୁଙ୍କଠାରେ ସ୍ୱାଧୀନତା...ପ୍ରଭୁଙ୍କର ନାମ ଧନ୍ୟ ହେଉ । ଓଃ, ହାଲ୍ଲେଲୁୟା! ପରମେଶ୍ୱରଙ୍କର ପ୍ରଶଂସା ହେଉ ।

155 ଓଃ, ମୁଁ ତାହା ଦେଖିବାକୁ କେବଳ ଭଲ ପାଏ: ଲୋକମାନେ ପରସ୍ପର ଜଣେ ଅନ୍ୟ ସହିତ ହାତ ମିଶାଉଛନ୍ତି ଏବଂ ସେମାନଙ୍କର ମୁଖମଣ୍ଡଳଗୁଡ଼ିକ ଆଲୋକପ୍ରଦ ହେଉଅଛି । ପରମେଶ୍ୱରଙ୍କ ଶକ୍ତି କହୁଅଛି, "ଏହାହିଁ ତାହା ଅଟେ । ଏହାହିଁ ତାହା ଅଟେ, ଆମେମାନେ ପରମେଶ୍ୱରଙ୍କ ସନ୍ତାନ ଅଟୁ । ଆମେ ସମସ୍ତେ ଗୋଟିଏ ମହାନ ବଡ଼ ମଣ୍ଡଳୀ ଅଟୁ, ତାହାଙ୍କର ବର, ସେହି ଗୌରବମୟ ଜଣ, ଖ୍ରୀଷ୍ଟ ଯୀଶୁଙ୍କଠାରେ ଜଣେ ମହାନ ବ୍ୟକ୍ତି ଅଟୁ ।" ପ୍ରଭୁଙ୍କ ଆଗମନ ପାଖେଇ ଆସୁଛି । ତାହାଙ୍କର ଲୋକମାନେ ଏକତ୍ରିତ ହେଉଅଛନ୍ତି ଏବଂ

ପରସ୍ପରକୁ…ତାହାଙ୍କ ଉପସ୍ଥିତିର ପ୍ରେମ ଏବଂ ଶକ୍ତି ଦ୍ୱାରା ପ୍ରେମ କରୁଅଛନ୍ତି । ଓଃ, ଏହା ସ୍ୱର୍ଗ ପରି ଅଟେ । ଓଃ, ଏହା ଭଲ ଅଟେ । ଆମେନ୍ । ଓଃ, କେଡ଼େ ଗୌରବମୟ, କେଡ଼େ ଅଦ୍ଭୁତ: ଆତ୍ମାରେ ଏବଂ ଶକ୍ତିରେ ପ୍ରଭୁଙ୍କୁ ଉପାସନା କରିବା । ଏପରି ଏକ ସମୟ । (ତାହା ବନ୍ଦ କରିବା ପାଇଁ ଥିଲା; ଆମେ ଆରମ୍ଭ କରିଦେଲୁ ।)

156 ସେଠାରେ କିଛି ହେଲେ ନାହିଁ…ମୁଁ ଭାଇମାନଙ୍କୁ କହିଲି, "ଭାଇମାନେ, ବନ୍ଦ କରିବା ପାଇଁ କୌଣସି ସ୍ଥାନ ହିଁ ନାହିଁ ।" ଏଠାରେ ଏପରି କୌଣସି ସ୍ଥାନ ନାହିଁ ଯାହାକି…ଆମେ କଦାପି ଆରମ୍ଭ କରିନାହୁଁ, ଏଣୁ ଆମେ ବନ୍ଦ କରୁ ନାହୁଁ । କେବଳ—କେବଳ ଅଦ୍ଭୁତ…କେତେ ଜଣ ପ୍ରକୃତରେ ଭଲ ଅନୁଭବ କରୁଛନ୍ତି? କେବଳ ପ୍ରଭୁଙ୍କର ଉପସ୍ଥିତି, ଓଃ, ମୋହର ପ୍ରଭୁ, ଏହା ଅଦ୍ଭୁତ ଅଟେ, ପ୍ରଭୁଙ୍କର ଏଠାରେ ଉପସ୍ଥିତି ।

157 ତେବେ, ପ୍ରଭୁଙ୍କର ଉପସ୍ଥିତି ଏଠାରେ ରୋଗୀମାନଙ୍କୁ ସୁସ୍ଥ କରିବା ପାଇଁ, ଲୋକମାନଙ୍କୁ ଭଲ କରିବା ପାଇଁ ଅଛି । କେବଳ ତାହାଙ୍କୁ ବିଶ୍ୱାସ କରନ୍ତୁ । କଅଣ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି? ଯଦି ଆମେ ତାହାଙ୍କୁ ବିଶ୍ୱାସ କରିପାରିବା, ସମସ୍ତ ବିଷୟ ସମ୍ଭବ ଅଟେ । କଅଣ ଆପଣ ତାହା ବିଶ୍ୱାସ କରନ୍ତି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ତାହା ପ୍ରଭୁଙ୍କର ଉପସ୍ଥିତି ଅଟେ?

158 ତେବେ, ଯେତେବେଳେ ଆପଣ…ମୋତେ କେବଳ ଗୋଟିଏ କ୍ଷଣ ଦିଅନ୍ତୁ, ବର୍ତ୍ତମାନ କେବଳ ଗୋଟିଏ କ୍ଷଣ ଦିଅନ୍ତୁ, ଏବଂ କେବଳ ଗୋଟିଏ କ୍ଷଣ ପାଇଁ ଶୁଣନ୍ତୁ । ମୋତେ ଏହା ଆପଣମାନଙ୍କୁ ପ୍ରମାଣ କରିବାକୁ ଦିଅନ୍ତୁ ଯେ ଏଠାରେ ଏହା ପବିତ୍ରଆତ୍ମା ଅଟନ୍ତି । ମୋତେ ଏହା ଆପଣମାନଙ୍କୁ ଦେଖାଇବାକୁ ଦିଅନ୍ତୁ ଯେ ସେହି ପବିତ୍ରଆତ୍ମା, ଠିକ୍ ସେହି ଜଣକା ଯିଏକି କଥାବାର୍ତ୍ତା କରନ୍ତି, ସେହି ଜଣକା ଯିଏକି କାର୍ଯ୍ୟ କରନ୍ତି, ସେ ତାହା ଜାଣନ୍ତି । ତେବେ ଏଠାରେ ଏପରି କେତେ ଜଣ ଅଛନ୍ତି, ଯେଉଁମାନେକି ଅସୁସ୍ଥ ଅବସ୍ଥାରେ ଆସିଥିଲେ? ଆସନ୍ତୁ ଆମେ ଆପଣଙ୍କର ହାତଗୁଡ଼ିକୁ ଦେଖିବା । ସେହିମାନେ ଯେଉଁମାନଙ୍କରକି କିଛି ଏକ ଅସୁସ୍ଥତା ଥିଲା…ଏପରି ଲୋକ ଅଛନ୍ତି…

159 ସେଠାରେ ଜଣେ ଲୋକ ଛିଡ଼ା ହୋଇଛନ୍ତି । ମହାଶୟ, କଅଣ ଆପଣ ବିଶ୍ୱାସ କରନ୍ତି? କୌଣସି ପ୍ରାର୍ଥନା କାର୍ଡ ଦିଆଯାଇ ନାହିଁ, ମାତ୍ର କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିପାରିବେ? କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ମୋତେ ଆପଣଙ୍କର ସମସ୍ୟା କହିପାରିବେ? ଏହା ଆପଣଙ୍କ ଗୋଟିଏ ପାର୍ଶ୍ୱରେ ଅଛି । ଆପଣଙ୍କର ଏକ ଶଲ୍ୟ ଚିକିତ୍ସା ହେବାକୁ ଯାଉଅଛି । ତାହା ଠିକ୍ । ଆପଣଙ୍କର ନାମ ଶ୍ରୀମାନ କାର୍ଟ୍ରାଇଟ୍ ଅଟେ । ତାହା ଠିକ୍ ଅଟେ । କଅଣ ତାହା ଠିକ୍ କି? ନିଜର ହାତ ହଲାନ୍ତୁ । ଠିକ୍ ଅଛି । ଘରକୁ ଯାଆନ୍ତୁ ଏବଂ ଭଲରେ ରୁହନ୍ତୁ, ଆପଣଙ୍କର ତାହା ଆଉ ଦରକାର ନାହିଁ । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି?

160 ସେହି ବ୍ୟକ୍ତି ଯିଏକି ସେହି ଶିଶୁକୁ ନିଜର ହସ୍ତରେ ଧରିଛନ୍ତି, କଅଣ ଆପଣ ମୋତେ ପରମେଶ୍ୱରଙ୍କ ସେବକ ବୋଲି ବିଶ୍ୱାସ କରନ୍ତି? କଅଣ ଆପଣ ଏହାକୁ ପବିତ୍ରଆତ୍ମା ବୋଲି ବିଶ୍ୱାସ କରନ୍ତି କି? ମୁଁ ଆପଣଙ୍କୁ ଜାଣେ ନାହିଁ, କଅଣ ତାହା ଠିକ୍ କି? ମୋ ଜୀବନରେ ଆପଣଙ୍କୁ କେବେ ଦେଖିନାହିଁ; ଆମେ ଅପରିଚିତ ଅଟୁ। କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ପବିତ୍ରଆତ୍ମା ମୋତେ କହିପାରନ୍ତି ଯେ ସେହି ଶିଶୁ ସହିତ କି ମାମଲା ଅଟେ? ଗୋଟିଏ ଦାଗ ଅଛି। ତାହା ଠିକ୍। କଅଣ ତାହା ଠିକ୍ ନୁହେଁ କି? ନିଶ୍ଚିତ ଭାବରେ। ଆପଣ ଏଠାରୁ ନୁହଁନ୍ତି। ନା। ଆପଣଙ୍କୁ ପେଟରେ ଏକ ସମସ୍ୟା ଅଛି, ଆପଣ ନିଜେ, ତାହାର ଯନ୍ତ୍ରଣା ଭୋଗୁଛନ୍ତି। ତାହା ଠିକ୍ ଅଟେ, କଅଣ ନୁହେଁ କି? ଆପଣ କାନସାସ୍ ସହରରୁ ଅଟନ୍ତି। ଠିକ୍ ଅଛି। ଫେରି ଯାଆନ୍ତୁ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି। ହାଲ୍ଲେଲୁୟା! ଆପଣ ବିଶ୍ୱାସ କରନ୍ତୁ। କଅଣ ଆପଣ ଏହାକୁ ନିଜର ସମସ୍ତ ହୃଦୟରେ ବିଶ୍ୱାସ କରନ୍ତି କି?

161 ଏଠାରେ ସଦାପ୍ରଭୁଙ୍କ ଦୂତ ଅଛନ୍ତି, ଏହି ଛୋଟ—ଛୋଟ ଆକାର ବିଶିଷ୍ଟ ମହିଳା ଉପରେ ଘୁରି ବୁଲିଲେ, ଯିଏକି ଏକ ପ୍ରକାର ବୃଦ୍ଧ ଅଟନ୍ତି, ଠିକ୍ ଏଠାରେ ବସିଛନ୍ତି, ହର୍ନିଆ ରୋଗରେ ପୀଡ଼ିତ ଅଟନ୍ତି। କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସେହି ହର୍ନିଆରୁ ସୁସ୍ଥ କରିବେ, ଭଉଣୀ? ଆପଣ, ଟୋପି ଉପରେ ଯାହାର ଛୋଟ ଲାଲ ଫୁଲଟିଏ ଅଛି, ନିଜର ହାତ ଉଠାନ୍ତୁ। ଠିକ୍ ଅଛି। ଘରକୁ ଯାଆନ୍ତୁ ଏବଂ ସୁସ୍ଥ ରୁହନ୍ତୁ। ଆମେନ୍। ଓଃ, ଏହା ପରମେଶ୍ୱର ଅଟନ୍ତି; ଏହା ପରମେଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି। ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛନ୍ତି। ସେ ଏଠାରେ ଅଛନ୍ତି।

162 ତେବେ, ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖନ୍ତୁ ଓ କେବଳ ଏକ ଭଲ ପ୍ରାର୍ଥନାଟିଏ ପ୍ରଦାନ କରନ୍ତୁ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକେ, ଯେତେବେଳେକି ମୁଁ କାହାରି ଜଣକାକୁ ଏଠାକୁ ଆସିବାକୁ କୁହେ। ଭାଇ, ଏଠାକୁ ଆସନ୍ତୁ। ଯେତେବେଳେ ଆପଣ ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖିଛନ୍ତି ଏହା ଦେଖାଇବା ପାଇଁ ଯେ ପରମେଶ୍ୱର ମଧ୍ୟ ସୁସ୍ଥ କରନ୍ତି, ମୋ ପାଖରେ ମଧ୍ୟ ଏଠାରେ ଭାଇ ଅଛନ୍ତି ଯିଏକି ପ୍ରାର୍ଥନା କରିବାକୁ ଯାଉଛନ୍ତି। (ଆଗକୁ ଯାଆନ୍ତୁ। ଠିକ୍ ଅଛି।) ପ୍ରଭୁ ପରମେଶ୍ୱରଙ୍କର ପ୍ରଶଂସା ହେଉ।

***ଏହା କଅଣ ବିଶ୍ୱାସ କରୁଅଛ?*** ORI60-0402

(Believest Thou This?)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଏପ୍ରିଲ 2, ୧୨୬୦, ଶନିବାରରେ, ଯୁକ୍ତରାଷ୍ଟ୍ର ଆମେରିକାର, ଓକ୍ଲାହୋମା ପ୍ରଦେଶର, ଟୁଲସା ସହରର ମ୍ୟୁନିସିପାଲ ଅଡିଟୋରିୟମ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନକରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2022 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org